## ସଂକ୍ଷେପରେ

### ପଦ୍ମପୁର ବ୍ଲକରେ ବୃତ୍ତି ପରୀକ୍ଷା

ପଦ୍ମପୁର,୨୭।୯ (ପ୍ରଶାନ୍ତ କୁମାର କର)

ପଦ୍ମପୁର ସରକାରୀ ବାଳକ ଓ ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୁଧବାର ତୃତୀୟ ଓ ପଞ୍ଚମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ବାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ତୃତୀୟ ଶ୍ରେଣୀରେ ମୋଟ ୯୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ପଦ୍ମପୁରସ୍ଥିତ ବାଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ପଞ୍ଚମ ଶ୍ରେଣୀରେ ୭୯ଜଣ ପରୀକ୍ଷା ଦେଇଥିଲେ । ୫ମ ବୃତ୍ତି ପରୀକ୍ଷା ପରିଦର୍ଶକ ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ସତ୍ୟ ନାରାୟଣ ନାୟକ, ଲଛମନଗୁଡା ସରକାରୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୋହନ ରାଓ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ରହିଥିଲେ। ଶିକ୍ଷୟିତ୍ରୀ ମନୀଷା ନାୟକ, ମହାଲକ୍ଷ୍ମୀ ପଣ୍ଡା, କବିତା ଦେବୀ ଓ ଶିକ୍ଷକ କେଦାରନାଥ ହୋତା ପରୀକ୍ଷା ପରିଚାଳନା କରିଥିଲେ। ସେହିଭଳି ପଦ୍ମପୁରସ୍ଥିତ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ୩ୟ ମେଧାବୃତ୍ତି ପରୀକ୍ଷାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦ୍ର ସେନା ଲିମା ପରିଦର୍ଶକ ଦାୟିତ୍ୱ ତୁଲାଇଥିଲେ। କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଦାୟିତ୍ୱରେ ଥିଲେ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅମୂଲ୍ୟ କୁମାର ଧିବର। ଶିକ୍ଷୟିତ୍ରୀ ସୁରଭିରାଣୀ ପାଣିଗ୍ରାହୀ, ଗାୟତ୍ରୀ ସାମନ୍ତରା,ଇତିଶ୍ରୀ ପାଢ଼ୀ ଓ ଶିକ୍ଷକ ବୁଦ୍ଧିମନ୍ତ ସାହୁ ,କୋରା ଜେନା ପ୍ରମୁଖ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ ।

### ଅମାନିଆ ଗାଡ଼ି ଚାଳକଙ୍କଠାରୁ ୯୬ ହଜାର ଜରିମାନା ଆଦାୟ

ରାୟଗଡା,୨୭।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡା ଜିଲାର ସମସ୍ତ ଥାନା ଅଞ୍ଚଳରେ ଟ୍ରାଫିକ ନିୟମ ଉଲଂଘନକାରୀଙ୍କୁ ସାବାଡ଼ କରିବା ଏବଂ ଦୁର୍ଘଟଣା ହ୍ରାସ କରିବାକୁ ଜିଲା ପୋଲିସ ପ୍ରଶାସନ ଏବଂ ଆଞ୍ଚଳିକ ପରିବହନ ବିଭାଗ ମିଳିତ ଆନୁକୂଲ୍ୟରେ ଯାଞ୍ଚ ପ୍ରକ୍ରିୟାକୁ କଡାକଡି କରାଯାଇଛି। ପୂର୍ବରୁ କେବଳ ଛକଗୁଡ଼ିକରେ ଚେକିଂ କରାଯାଉଥିବାବେଳେ ଏବେ ସିସି ଟିଭି ଫୁଟେଜକୁ ଆଧାରକରି ଅମାନିଆ ଗାଡି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଉଛି। ରାୟଗଡା ସହରରେ ବୁଧବାର ଗତ ୨୪ ଘଣ୍ଟା ମଧ୍ୟରେ ୫୮ ଗାଡିରୁ ୯୬୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବା ରାୟଗଡା ଜିଲା ଆରକ୍ଷୀ ଅଧୀକ୍ଷକ ବିବେକାନନ୍ଦ ଶର୍ମା ଟୁଇଟର ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଜନସାଧାରଣଙ୍କୁ ସଚେତନ କରିବା ସହ ଅମାନିଆ ଗାଡିଚାଳକମାନେ ସତର୍କ ରହି ଟ୍ରାଫିକ ନିୟମ ମାନିବାକୁ ନିବେଦନ କରିଛନ୍ତି । ରାୟଗଡା ସହରର ମୁଖ୍ୟ ଛକ, ୩୨୬ ନମ୍ବର ଜାତୀୟ ରାଜପଥରେ ସିସି ଟିଭି ଲଗାଯିବା ଦ୍ୱାରା ବାଇକ୍‌ରେ ୩ ଜଣ ବସିକି ଯିବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ହୋଇଯିବା ଏସବୁ କଏଦ ହୋଇରହୁଛି । ଯାହାକୁ ଆଧାର କରି ପୋଲିସ ସେମାନଙ୍କଠାରୁ ମଧ୍ୟ ଜରିମାନା ଆଦାୟ କରୁଛି ।

### ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ

ଗୁଣପୁର,୨୭।୯ (ପ୍ରଦୀପ କୁମାର ପାଢୀ)

ଗୁଣପୁର ବ୍ଲକ ଅନ୍ତର୍ଗତ ରେଗେଡା ଏବଂ ରାମନାଗୁଡା ବ୍ଲକ ଅନ୍ତର୍ଗତ ଗୁମୁଡା ଦ୍ରୌପଦି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ ବୁଧବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରେଗେଡା ପଞ୍ଚାୟତ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ବିଡିଓ ଶୁପ୍ରାଞ୍ଜଳି ପ୍ରଧାନ, ସହକାରୀ ଯନ୍ତ୍ରୀ ହରେକୃଷ୍ଣ ପଣ୍ଡାଙ୍କ ସମେତ ଏକ୍ସ ସର୍ଭିସମ୍ୟାନ ଗ୍ରୁପର ସଭାପତି ସୁବ୍ରତ କୁମାର ପଣ୍ଡା, ସରପଞ୍ଚ ଜୁଗୁଲୁ ଶବର, ଗୋପାଳକୃଷ୍ଣ ପାଣିଗ୍ରାହୀ, ଏଲ.ଏନ. ସେନାପତି, ଶରତ ଚନ୍ଦ୍ର ପାଣିଗ୍ରାହୀ, ଚନ୍ଦ୍ରଭୂଷଣ, ଗୋପାଳ ରଥ ପ୍ରମୁଖ ଉପସ୍ଥିତ ରହି ବିଭିନ୍ନ ଗ୍ରାମଗୁଡିକରେ ସଫେଇ କରିଥିଲେ। ନରସିଂହମୁଣ୍ଡାଠାରୁ ବନ୍ଧୁଗୁଡା ପର୍ଯ୍ୟନ୍ତ ଗ୍ରାମବାସୀଙ୍କ ସହଯୋଗରେ ସମସ୍ତ କାର୍ଯ୍ୟ ସମ୍ପାଦନା କରାଯାଇଥିଲା। ସେହିପରି ଗମୁଡାଠାରେ ବିଦ୍ୟାଳୟର ଅଧ୍ୟକ୍ଷ ଅରୁଣ କୁମାର ମାଝି ଉପସ୍ଥିତ ରହି ପରିବେଶ ସଫା ସୁତରାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ତଥା ୟୁଥ ରେଡକ୍ରସର କାଉନସିଲର ଅନି ମୁସୁରୀୟା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗକରିଥିଲେ।



# ଜିଲାରେ ୯ ଜିପିଇଓ, ୬୮ ପିଇଓ, ୫୧ ଯନ୍ତ୍ରୀ ପଦବୀ ଖାଲି

ରାୟଗଡ଼ା,୨୭।୯(ଆଶିଷ ରଞ୍ଜନ ପଣ୍ଡା)

**ବିଭିନ୍ନ ପ୍ରସଙ୍ଗରେ ବିଧାନସଭାରେ ବିଧାୟକଙ୍କ ପ୍ରଶ୍ନ**

- ୪୫ ସେତୁ କାମ ସରିଛି, ୧୧ ନିର୍ମାଣାଧୀନ , ୩୦ କାମ ଆରମ୍ଭ ହେବ
- ଜାଗା ମିଶନ ଯୋଜନାରେ ପୌରାଞ୍ଚଳର ୨୩୧୦ ବସ୍ତିବାସିନ୍ଦା ଚିହ୍ନଟ

ରାୟଗଡ଼ା ନିର୍ବାଚନମଣ୍ଡଳୀର ବିଭିନ୍ନ ସମସ୍ୟା ଉପରେ ବିଧାୟକ ମକରନ୍ଦ ମୁଦୁଲି ବିଧାନସଭାରେ ଦୃଷ୍ଟି ଆକର୍ଷଣ କରିବା ସହ ବିଭିନ୍ନ ବିଭାଗୀୟ ମନ୍ତ୍ରୀଙ୍କୁ ପ୍ରଶ୍ନ କରିଥିଲେ । ରାୟଗଡ଼ାରେ ବିଜୁ ସେତୁ ଯୋଜନା, ଯୁବତୀ ଯୁବକଙ୍କୁ ନିଯୁକ୍ତି, ଜାଗା ମିଶନ ଦ୍ୱାରା ଜାଗା ଯୋଗାଇବା ଓ ଖାଲିଥିବା ଯନ୍ତ୍ରୀ ପଦବୀ ପୂରଣ ପାଇଁ ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି ସେ ବିଷୟରେ ବିଧାୟକ ମୁଦୁଲି ପ୍ରଶ୍ନ କରିଥିଲେ । ରାୟଗଡ଼ା ଜିଲାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୂତନ ରାସ୍ତା ଓ ବିଜୁ ସେତୁ ଯୋଜନାରେ ଜିଲାରେ କେତୋଟି ସେତୁ ନିର୍ମାଣ ହେବ ଏବଂ ଏଗୁଡ଼ିକ କେବେ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ମୁଦୁଲି ପ୍ରଶ୍ନ କରିଥିଲେ। ଏହାର ପ୍ରତ୍ୟୁତ୍ତରରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ କହିଛନ୍ତି, ୨୦୨୩-୨୪ ଆର୍ଥିକ ବର୍ଷରେ ରାଜ୍ୟରେ କୌଣସି ନୂତନ ରାସ୍ତା ନିର୍ମାଣ ପାଇଁ ମଞ୍ଜୁରୀ କରାଯାଇନାହିଁ। ଚଳିତ ବର୍ଷ ଏମ୍ଏମ୍ଏସ୍ୱାଇ-ଟ୍ରିପ୍ ଯୋଜନାରେ ରାୟଗଡ଼ା ଜିଲାରେ ୧୨ଟି ନୂତନ ରାସ୍ତା ନିର୍ମାଣ ହେବ । ସେଥିମଧ୍ୟରୁ ୧୦ଟି ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଚାଲୁ ରହିଛି ଏବଂ ବଳକା ୨ଟିରେ ସେତୁ ନିର୍ମାଣ ଆବଶ୍ୟକ ଥିବାରୁ ଏହାର ଡିପିଆର୍ ପ୍ରସ୍ତୁତ କରାଯାଉଥିବା ମନ୍ତ୍ରୀ ଘଡ଼େଇ କହିଛନ୍ତି । ବିଜୁ ସେତୁ ଯୋଜନାରେ ଜିଲାରେ ୮୬ ସେତୁ ମଧ୍ୟରୁ ୪୫ ସେତୁ ନିର୍ମାଣ କାର୍ଯ୍ୟ ସରିଥିବା ବେଳେ ୧୧ ସେତୁ ନିର୍ମାଣ ଚାଲିଛି । ୩୦ ସେତୁ ପ୍ରାକ୍ ନିର୍ମାଣ ପ୍ରସ୍ତୁତି ପର୍ଯ୍ୟାୟରେ ରହିଛି । ଟେଣ୍ଡର ପ୍ରକ୍ରିୟାରେ ଠିକାଦାର ଚୟନ କରାଯାଇ କାର୍ଯ୍ୟ ଆରମ୍ଭ ହେବ ବୋଲି ମନ୍ତ୍ରୀ ଘଡ଼େଇ କହିଛନ୍ତି । ପଞ୍ଚାୟତିରାଜ ବିଭାଗ ଅଧୀନରେ ଯନ୍ତ୍ରୀ ଓ ଅନ୍ୟାନ୍ୟ ପଦବୀ ପୂରଣ ବିଷୟରେ ବିଧାୟକ ମୁଦୁଲି କରିଥିବା ପ୍ରଶ୍ନର ଉତ୍ତରରେ ଜିଲାରେ ୧୧ଟି ମଞ୍ଜୁରିପ୍ରାପ୍ତ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ପଦବୀରୁ ୯ ଖାଲି ପଡ଼ିଛି। ସେହିପରି ୧୮୨ ପଞ୍ଚାୟତ ନିର୍ବାହୀ ଅଧିକାରୀ ପଦବୀରୁ ୬୮ ପଦବୀ ଏବଂ ୧୦୫ ଯନ୍ତ୍ରୀ ପଦବୀରୁ ୫୧ ପଦବୀ ଖାଲି ପଡ଼ିଥିବା ନେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ପ୍ରଦୀପ ଅମାତ ସୂଚନା ଦେଇଛନ୍ତି। ଏଥିସହ ଏଗୁଡ଼ିକ ପୂରଣ ନିମନ୍ତେ ନିୟମାନୁଯାୟୀ ପଦକ୍ଷେପ ନିଆଯାଉଥିବା କହିଛନ୍ତି।

ସେହିଭଳି ଜିଲାରେ ବେକାର ଯୁବତୀଯୁବକଙ୍କ ନିଯୁକ୍ତିକୁ ନେଇ ୨୦୧୯-୨୦ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ କେତେଜଣ ଯୁବତୀଯୁବକଙ୍କୁ ଦକ୍ଷତା ବିକାଶ ତାଲିମ ଦିଆଯାଇଛି ଏବଂ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସରକାରୀ ଓ ବେସରକାରୀ ଅନୁଷ୍ଠାନରେ ନିଯୁକ୍ତି ବିଷୟରେ ପ୍ରଶ୍ନ କରିଥିଲେ । ଏହାର ପ୍ରତ୍ୟୁତ୍ତରରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ସୂଚନା ଦେଇ କହିଛନ୍ତି, ପିଏଲ୍‌ଟିପି (ଓଏସ୍‌ଡିଏ) ଅଧୀନରେ ମୋଟ ୧୨୨୦ ତାଲିମ ପାଇଥିବାବେଳେ ୭୮୭ ଯୁବତୀଯୁବକ ନିଯୁକ୍ତି ପାଇଛନ୍ତି । ସେହିଭଳି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ତାଲିମ ନେଇଥିବା ୩୦୦ ଜଣଙ୍କ ମଧ୍ୟରୁ କେତେଜଣ ନିଯୁକ୍ତି ପାଇଛନ୍ତି ତାହା ବିଭାଗ ନିକଟରେ ତଥ୍ୟ ନ ଥିବା କହିଥିଲେ । ଡିଡିୟୁ-ଜିକେୱାଇ ଅଧୀନରେ ୧୮୧୧ ତାଲିମ ନେଇଥିବା ବେଳେ ୧୫୩୭ ଜଣ ବିଭିନ୍ନ ସ୍ଥାନରେ ନିଯୁକ୍ତି ପାଇଥିବା ମନ୍ତ୍ରୀ ଘଡ଼େଇ ସୂଚନା ଦେଇଛନ୍ତି । ରାୟଗଡ଼ା ଜିଲାରେ ତାଲିମ ପାଇଥିବା ଯୁବତୀଯୁବକମାନେ ଆପେକ୍ସ ସ୍କିଲ୍ ସର୍ଭିସେସ୍, କ୍ୱେସ କୋର୍ପ, ଏସ୍‌ପି ଆପାରେଲ, ମଣ୍ଟେନା ସତ୍ୟନାରାୟଣ ରାଜୁ ଆରୋଗ୍ୟଳୟମ୍ ଆଦି ବେସରକାରୀ ଅନୁଷ୍ଠାନରେ ନିଯୁକ୍ତି ପାଇଥିବା ମନ୍ତ୍ରୀ ଘଡ଼େଇ ସୂଚନା ଦେଇଥିଲେ।

ଜାଗା ମିଶନରେ ରାୟଗଡ଼ା ପୌରାଞ୍ଚଳରେ ହିତାଧିକାରୀଙ୍କୁ ଦିଆଯାଇଥିବା ତଥ୍ୟ ବିଷୟରେ ବିଧାୟକ ମୁଦୁଲିଙ୍କ ପ୍ରଶ୍ନର ଉତ୍ତର ଦେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ କହିଛନ୍ତି, ଜାଗା ମିଶନ ଯୋଜନାରେ ରାୟଗଡ଼ା ପୌରାଞ୍ଚଳରେ ୨୩୧୦ ବସ୍ତିବାସିନ୍ଦାଙ୍କୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ଅଦ୍ୟାବଧି ୭୨୬ ଜଣଙ୍କୁ ଭୂମି ଅଧିକାର ପ୍ରମାଣପତ୍ର ପାଇଁ ଅନୁମୋଦନ କରାଯାଇଛି । ଅବଶିଷ୍ଟ ୧୫୮୪ ଜଣଙ୍କୁ ରେଲୱେ ଜମି ଓ ବେସରକାରୀ ଜମିରେ ରହୁଥିବାରୁ ଭୂମି ଅଧିକାର ପ୍ରମାଣପତ୍ର ଦିଆଯାଇନାହିଁ ।

# ଆଦିବାସୀଙ୍କ ନିଆରା ପର୍ବ ଜନା ସାରଣୀ



କାଶୀପୁର ବ୍ଲକରେ ଜନା ସାରଣୀ ପୂଜା କରାଯାଉଛି।

ଟିକିରି,୨୭।୯(ପ୍ରଫୁଲ୍ଲ କୁମାର ବେହେରା )

ରାୟଗଡା ଜିଲା କାଶୀପୁର ବ୍ଲକର ଆଦିବାସୀଙ୍କ ନିଆରା ପର୍ବ ଜନା ସାରଣୀ ପାଳିତ ହୋଇଯାଇଛି। ବିଶେଷକରି ମକା ଚାଷ ଭଲ ଅମଳ ପାଇଁ ଆଦିବାସୀମାନେ ଏହି ନିଆରା ପର୍ବ ପାଳନ କରିଥାନ୍ତି। ଜନା ସାରଣୀ ପୂଜାରେ ପ୍ରଥମେ ଗ୍ରାମ ମୁଣ୍ଡରେ ଗୋଟିଏ ସ୍ଥାନରେ ମାଟିରେ ଅସୁର ପ୍ରତିମୂର୍ତ୍ତି ତିଆରି କରାଯାଇଥାଏ। ପ୍ରଥମ ମକା ଫସଲର ମଞ୍ଜି ଆଣି ଉକ୍ତ ପ୍ରତିମୂର୍ତ୍ତିରେ ଲଗାଯାଇଥାଏ। ପରେ ଉକ୍ତ ପ୍ରତିମୂର୍ତ୍ତି ନିକଟରେ ପାରା, କୁକୁଡା ଓ ଛେଳି ଆଦି ବଳି ଦିଆଯାଇଥାଏ। ଏହି ଅବସରରେ ବିଭିନ୍ନ ଗ୍ରାମର ଗ୍ରାମଦେବୀଙ୍କ ପୂଜକ ବା ବେଜେଣୀମାନେ ନାଚି ନାଚି ପୂଜା ପାଠ କରିବା ସହ ଭଲ ଫସଲ ଅମଳ ପାଇଁ ମା'ଙ୍କୁ ପ୍ରାର୍ଥନା କରିଥାନ୍ତି। ଜମିରେ ଭଲ ଚାଷ ହେବା ସହ ଅଧିକ ଅମଳ ହେବ ଏବଂ ରୋଗପୋକ ନ ଲାଗିବା ପାଇଁ ଏହି ପୂଜା କରାଯାଇଥାଏ ବୋଲି ଆଦିବାସୀମାନେ କହିଛନ୍ତି।

# ମିଳିଲା ୬୮ ,୭୪,୧୪୦ ଟଙ୍କା, ୫୩ ଗ୍ରାମ ସୁନା




ରାୟଗଡ଼ା ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିରର ଦାନ ହୁଣ୍ଡି ବୁଧବାର ଖୋଲାଯାଇ ଟଙ୍କା ଗଣତି କରାଯାଉଛି।

ରାୟଗଡ଼ା,୨୭।୯
(ଆଶିଷ ରଞ୍ଜନ ପଣ୍ଡା/ ଭାଗ୍ୟଶ୍ରୀ ମିଶ୍ର)

**ଖୋଲିଲା ମଝିଘରିଆଣୀ ହୁଣ୍ଡି**

ରାୟଗଡ଼ା ଜିଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ହୁଣ୍ଡି ବୁଧବାର ଖୋଲାଯାଇଛି । ଗଣତି ପରେ ହୁଣ୍ଡିରୁ ନଗଦ ୬୮ ଲକ୍ଷ ୭୪ ହଜାର ୧୪୦ ଟଙ୍କା ସହିତ ୫୩ ଗ୍ରାମ୍ ସୁନା ଓ ୧୭୯୭ ଗ୍ରାମ ରୁପା ବାହାରିଥିଲା। ଏଥିସହ ୮ଟି ଆମେରିକୀୟ ଡଲାର, ଅନ୍ୟ ଦେଶର ୩ଟି ବିଦେଶୀ ନୋଟ ଏବଂ ଗୋଟିଏ ୟୁଏଇର ୫ ଡିରହାମ ହୁଣ୍ଡିରୁ ବାହାରିଛି । ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ଟଙ୍କା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି । ୪ଟି ପୁରୁଣା ୫୦୦ ଟଙ୍କିଆ ନୋଟ ମଧ୍ୟ ହୁଣ୍ଡିରୁ ବାହାରିଛି। ବୁଧବାର ସକାଳ ୧୦ଟାରେ ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି ଆରମ୍ଭ ହୋଇଥିଲା । ଦୀର୍ଘ ୧୦ ଘଣ୍ଟା ଧରି ଗଣତି ଚାଲିଥିଲା। ଏଥିପୂର୍ବରୁ ଗତ ଜୁନ ୨୧ ତାରିଖରେ ମନ୍ଦିର ହୁଣ୍ଡି ଖୋଲାଯାଇଥିଲା। ସେହି ସମୟରେ ହୁଣ୍ଡିରୁ ୫୮ ଲକ୍ଷ ୨୪ ହଜାର ୯୫୦ ଟଙ୍କା ସହିତ ୩୯ ଗ୍ରାମ ସୁନା ଓ ୧୬୫୦ଗ୍ରାମ ରୁପା ବାହାରିଥିଲା । ବିଭିନ୍ନ ଅଞ୍ଚଳରୁ ଆସୁଥିବା ମାନସିକଧାରୀ ଭକ୍ତ ହୁଣ୍ଡିରେ ଦାନ କରୁଛନ୍ତି। ବର୍ଷକୁ ୩ ରୁ ୪ ଥର ହୁଣ୍ଡି ଖୋଲାଯାଇ ଗଣତି କରାଯାଉଛି। ବୁଧବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିୟନ ବ୍ୟାଙ୍କରେ ଗଚ୍ଛିତ ରଖାଯାଇଛି । ସେଭଳି ସୁନା ଓ ରୁପା ଜିଲା କୋଷାଗାରରେ ରଖାଯାଇଛି। ଗଣତି କାର୍ଯ୍ୟରେ ବ୍ୟାଙ୍କ କର୍ମଚାରୀଙ୍କ ସମେତ ଅନେକ ସ୍ୱେଚ୍ଛାସେବୀ ସାମିଲ ହୋଇଥିଲେ । ହୁଣ୍ଡି ଖୋଲି ଗଣତି ବେଳେ ସୁରକ୍ଷା ବ୍ୟବସ୍ଥାକୁ କଡାକଡ଼ି କରାଯାଇଥିଲା।

### ୫୭ ୟୁନିଟ୍ ରକ୍ତ ସଂଗ୍ରହ

ରାୟଗଡା,୨୭।୯ (ଭାଗ୍ୟଶ୍ରୀ ମିଶ୍ର)

ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଏନ୍ଏସ୍ଏସ୍ ଏବଂ ୱାଇଆରସି ତରଫରୁ ବୁଧବାର ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଏଥିରେ ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । ମୁଖ୍ୟଅତିଥି ଭାବେ ରକ୍ତ ଭଣ୍ଡାର ଅଫିସର ଡା ଗୌତମ ପଟ୍ଟନାୟକ, ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବାବିଲତା ସରାଫ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ଅଧ୍ୟାପକ ଏ.ଶ୍ରୀନିବାସ, ବରିଷ୍ଠ ପ୍ରଧ୍ୟାପିକା ଡ. ସରସ୍ୱତୀ ରାୟ, ଏନ୍ଏସ୍ଏସ ପ୍ରୋଗ୍ରାମ ଅଫିସର ଏ.ବି ଗୁପ୍ତା ଏବଂ ୱାଇଆରସି କାଉନସିଲର ଅମିତ ସାହୁ କାର୍ଯ୍ୟ ପରିଚାଳନା କରିଥିଲେ। ଛାତ୍ରୀଛାତ୍ର ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ ।

### ବଳାତ୍କାର ଉଦ୍ୟମ ଘଟଣାରେ ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ରାୟଗଡ଼ା,୨୬।୯ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ମହିଳା କୋର୍ଟ ବିଚାରପତି ସୋନାଲ ଶର୍ମା ମଙ୍ଗଳବାର ଏକ ବଳାତ୍କାର ଉଦ୍ୟମ ମାମଲାର ଶୁଣାଣି କରି ଅଭିଯୁକ୍ତଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୫ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି।

କଲ୍ୟାଣସିଂହପୁର ଥାନା ଅନ୍ତର୍ଗତ ଆଲଜିନିଗୁଡ଼ା ଗ୍ରାମର ଲବ ସୁନା ୨୦୨୦ ଜୁଲାଇ ୧୪ ରାତି ୧୧ଟାରେ ଜଣେ ବିବାହିତା ମହିଳାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ଉକ୍ତ ମହିଳାଙ୍କ ସ୍ୱାମୀ ଓ ଶ୍ୱଶୁର ବାହାରକୁ ଯାଇଥିବା ବେଳେ ପୀଡ଼ିତା ନିଜର ଦେଢ଼ ବର୍ଷର ଛୁଆ ସହ ଘରେ ଶୋଇଥିବାବେଳେ ଝରକା ଡେଇଁ ଲବ ଘର ଭିତରକୁ ପଶି ଆସିଥିଲେ । ତେବେ ମହିଳା ଜଣକ ପାଟି କରିବାରୁ ସାହିପଡ଼ିଶା ଲୋକେ ଉଠି ପଡ଼ିବାରୁ ଲବ ସେଠାରୁ ଫେରାର ହୋଇଯାଇଥିଲେ । ଏନେଇ ପୀଡ଼ିତା କଲ୍ୟାଣସିଂହପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ କେସ୍ ନଂ . ୧୨୨ରେ ମାମଲା ରୁଜୁକରି ଲବଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା । ଏହି ମାମଲାର ବିଚାରକରି ମହିଳା କୋର୍ଟ ବିଚାରପତି ସୋନାଲ ଶର୍ମା ମଙ୍ଗଳବାର ଦୋଷୀଙ୍କୁ ଆଇପିସି ଧାରା ୩୫୪ ଅନୁଯାୟୀ ୩ ବର୍ଷ ସଶ୍ରମ କାରାଦଣ୍ଡ ଓ ୩ ହଜାର ଟଙ୍କା ଜରିମାନା ଏବଂ ଆଇପିସି ଧାରା ୪୫୭ ଅନୁଯାୟୀ ୨ବର୍ଷ ସଶ୍ରମ କାରାଦଣ୍ଡ ଓ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଏହି ମାମଲାକୁ ଆଇନଜୀବୀ ରବିପ୍ରସାଦ ମହାପାତ୍ର ଲଢ଼ୁଥିଲେ।

# ଯନ୍ତ୍ରୀଙ୍କ ୪୯,୨୦୦ ଟଙ୍କା ଆତ୍ମସାତ ଅଭିଯୋଗ

ବିଷମ କଟକ, ୨୭।୯ (ବିଭୂତି ଭୂଷଣ ନାୟକ)

**୯୦ ହିତାଧିକାରୀ ଭତ୍ତା ପାଇବାରୁ ବଞ୍ଚିତ**

ବିଷମକଟକ ବ୍ଲକ୍ ଅନ୍ତର୍ଗତ ବେଥିଆପଡା ଗ୍ରାମ ପଞ୍ଚାୟତର ପ୍ରାୟ ୯୦ଜଣ ହିତାଧିକାରୀ ଗତ ଜୁଲାଇ ମାସର ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ହିତାଧିକାରୀଙ୍କ ପାଇଁ ପ୍ରଦାନ କରାଯାଇଥିବା ପ୍ରାୟ ୪୯,୨୦୦ ଟଙ୍କା ଜଣେ ଯନ୍ତ୍ରୀ ଆତ୍ମସାତ କରିଥିବା ଅଭିଯୋଗ ଆସିଛି। ପ୍ରକାଶ ଯେ, ଗତ ଜୁଲାଇ ମାସରେ ପଞ୍ଚାୟତ କାର୍ଯ୍ୟ ନିର୍ବାହି ଅଧିକାରୀମାନଙ୍କୁ ଅଦଳ ବଦଳ କରାଯାଇଥିଲା । ବେଥିଆପଡା ଗ୍ରାମ ପଞ୍ଚାୟତକୁ ଜଣେ ନୂଆ ପିଇଓ ବଦଳି ହୋଇ ଆସିଥିଲେ । ସେ ଦାୟିତ୍ୱ ନେବା ପୂର୍ବରୁ ହିତାଧିକାରୀଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଜୁଲାଇ ମାସରେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ବ୍ଲକର କନିଷ୍ଠ ଯନ୍ତ୍ରୀ ବିଶ୍ୱଭୂଷଣ ବେହେରାଙ୍କୁ ୧,୩୪୪୦୦ ଟଙ୍କା ଗତ ଜୁଲାଇ ୧୫ରେ ପ୍ରଦାନ କରାଯାଇଥିଲା। ସଂପୃକ୍ତ ଯନ୍ତ୍ରୀ ୧୫ ତାରିଖରେ ବେଥିଆପଡା ଗ୍ରାମ ପଞ୍ଚାୟତର ହିତାଧିକାଙ୍କୁ ଟଙ୍କା ପ୍ରଦାନ କରି ଚାଲି ଆସିଥିଲେ । ସେହିଦିନ ୮୦ରୁ ଊର୍ଦ୍ଧ୍ୱ ହିତାଧିକାରୀ ଅନୁପସ୍ଥିତ ଥିବାରୁ ସେମାନେ ଭତ୍ତା ଟଙ୍କା ପାଇ ନ ଥିଲେ। ସଂପୃକ୍ତ ଯନ୍ତ୍ରୀ ହିତାଧିକାରୀଙ୍କୁ ଆଉ ଭତ୍ତା ଟଙ୍କା ଦେଲେ ନାହିଁ କି ବ୍ଲକ କାର୍ଯ୍ୟାଳୟରେ ବଳକା ୪୯୨୦୦ ଟଙ୍କା ଦାଖଲ କଲେ ନାହିଁ। ଏ ନେଇ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରମୋଦ ଜିଲ୍ଲାକାରଙ୍କ ସହ ଯୋଗାଯୋଗ କରିବାରୁ ଘଟଣା ସଂକ୍ରାନ୍ତରେ ସେ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଥିଲେ । ଚଳିତ ମାସ ୩୦ ତାରିଖ ଭିତରେ ସମସ୍ତ ଟଙ୍କା ପ୍ରଦାନ କରିବା ନିମନ୍ତେ ସମ୍ପୃକ୍ତ ଯନ୍ତ୍ରୀଙ୍କୁ ବ୍ଲକ କାର୍ଯ୍ୟାଳୟ ତରଫରୁ ଚିଠି କରାଯାଇଛି। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଟଙ୍କା ପ୍ରଦାନ ନ କରନ୍ତି ତେବେ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ସୁପାରିସ କରାଯିବା ସହ ଥାନାରେ ତାଙ୍କ ନାମରେ ଏତଲା ଦିଆଯିବ ବୋଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ସଦାଶିବ ନାୟକ ସୂଚନା ଦେଇଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ



କ୍ରୀଡା ମଶାଲକୁ ଅତିଥିମାନେ ସ୍ୱାଗତ କରୁଛନ୍ତି।

ଗୁଡାରି,୨୭।୯ (ପ୍ରମୋଦ କୁମାର ପତି)

ଗୁଡାରି ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆରେ ବୁଧବାର ବ୍ଲକସ୍ତରୀୟ କ୍ରୀଡ଼ା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଗୁଡାରି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ରତ୍ନମୟୀ ପୁରୋହିତ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରାଜକିଶୋର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । କ୍ରୀଡାରେ ଭାଗ ନେଇଥିବା ଛାତ୍ରମାନେ ସ୍ଥାନୀୟ ଭଣ୍ଡାର ଘରଣୀ ମନ୍ଦିରରୁ ଶୋଭାଯାତ୍ରାରେ ମଶାଲ ଆଣିବା ପରେ ଅତିଥିମାନେ ଏହି ମଶାଲକୁ ପଡ଼ିଆରେ ସ୍ଥାପନ କରିଥିଲେ । ଗ୍ରାମାଞ୍ଚଳର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ କ୍ରୀଡାକୁ ଜନ ମାନସରେ ପହଞ୍ଚାଇବା ନିମନ୍ତେ ଏହା ଏକ ପ୍ରୟାସ ବୋଲି ମୁଖ୍ୟ ଅତିଥି ନିଜ ବକ୍ତବ୍ୟରେ କହିଥିଲେ। ଗୁଡାରି ବ୍ଲକ ନୋଡାଲ କ୍ରୀଡା ଶିକ୍ଷକ ରାଧାକାନ୍ତ ଗୁରୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ରୀଡା ଉତ୍ସବରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ଆସିଥିବା କ୍ରୀଡା ଶିକ୍ଷକମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆସନ୍ତା ୨୯ ତାରିଖରେ ଗୁଡାରି ବ୍ଲକର କଦମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଥଲେଟିକ ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି । ଏହି କ୍ରୀଡା ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ହାଇସ୍କୁଲରୁ ଆସିଥିବା ଛାତ୍ରୀଛାତ୍ରମାନେ ଭାଗ ନେଇଛନ୍ତି ।

# ପୌର ପରିଷଦ କାର୍ଯ୍ୟାଳୟ ଘେରାଉକଲା ଭାଜପା

ରାୟଗଡା,୨୭।୯ (ଭାଗ୍ୟଶ୍ରୀ ମିଶ୍ର )

**ୱାର୍ଡ ସମସ୍ୟାକୁ ନେଇ ୬ ଦଫା ଦାବି**




ଭାଜପା କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ରାୟଗଡ଼ା ପୌର ପରିଷଦର ୨୪ଟି ୱାର୍ଡର ସମସ୍ୟାକୁ ନେଇ ବୁଧବାର ରାୟଗଡା ଭାଜପା ପକ୍ଷରୁ ପୌର ପରିଷଦ କାର୍ଯ୍ୟାଳୟ ଘେରାଉ କରାଯାଇଛି । ଭାଜପା ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକାଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ୬ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସହରର ଉନ୍ନତୀକରଣ ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କା ଆସୁଥିଲେ ମଧ୍ୟ ତାହା ସାଧାରଣ ଲୋକଙ୍କ ହିତରେ ନ ଲାଗି ବାଟମାରଣା ହେଉଥିବା ଭାଜପା ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା ଅଭିଯୋଗ କରିଛନ୍ତି।

ଭାଜପାର ୬ ଦଫା ଦାବିଗୁଡ଼ିକ ହେଲା, ନିୟମିତ ଡ୍ରେନ୍‌ଗୁଡିକୁ ସଫାକରିବା, ୱାର୍ଡ ନମ୍ବର ୧ରେ ଡ୍ରେନେଜ ଏବଂ କଲଭର୍ଟ ନିର୍ମାଣ, ପ୍ରୋଟେକ୍ସନ ୱାଲ୍ କରିବା, ୱାର୍ଡ ନମ୍ବର ୨୩ ଜୟରାମଗୁଡା ଓ କଦଳୀଗୁଡାରେ ଡ୍ରେନେଜ ନିର୍ମାଣ, ୱାର୍ଡ ନମ୍ବର ୨୪ କୋଟଲାଗୁଡାରେ ପାହାଡ଼ରୁ ବସ୍ତିକୁ ଆସୁଥିବା ପାଣିକୁ ବନ୍ଦ କରିବାକୁ ପ୍ରୋଟେକ୍ସନ ୱାଲ କରିବା, ନାଳଗୁଡିକରୁ ନିର୍ଗତ ମଇଳା ପାଣିକୁ ସିଧାସଳଖ ସଫା କରାଯାଇ ନଦୀକୁ ଛାଡିବା, ଡ୍ରେନେଜ ନ ଥିବା ୱାର୍ଡରେ ଡ୍ରେନ୍ ନିର୍ମାଣ ଆଦି ଦାବି କରାଯାଇଛି । ପୌର ବିଭାଗ ପକ୍ଷରୁ ନିୟମିତ ସଫେଇ କରାଯାଉ ନ ଥିବାରୁ ମଶା ମାଛି ବୃଦ୍ଧି ଯୋଗୁ ଡେଙ୍ଗୁ , ମ୍ୟାଲେରିଆରେ ଅଞ୍ଚଳବାସୀ ଅତିଷ୍ଠ ହୋଇପଡ଼ିଥିବା ଅଭିଯୋଗ ହୋଇଛି। ଘେରାଉ ସମୟରେ ୮ ନମ୍ବର ୱାର୍ଡ କାଉନସିଲର ତଥା ନଗର ସଭାନେତ୍ରୀ ମଞ୍ଜୁଳା ମିଣିଆକା, ବିଧାୟକ ପ୍ରାର୍ଥୀ ବସନ୍ତ ଉଲାକା, ଭାଜପା ମହିଳା ସଭାନେତ୍ରୀ ଲକ୍ଷ୍ମୀଙ୍କ ସମେତ ପ୍ରତ୍ୟେକ ୱାର୍ଡରୁ ୫ ଜଣ ଲେଖାଏଁ ପ୍ରାୟ ୨୦୦ରୁ ଊର୍ଦ୍ଧ୍ୱ ୱାର୍ଡବାସୀ ସାମିଲ ଥିଲେ। ଆଗାମୀ ଦିନରେ ଦାବି ପୂରଣ ନ ହେଲେ ପୌର ପରିଷଦ କାର୍ଯ୍ୟାଳୟରେ ତାଲା ପକାଇବାକୁ ଭାଜପା କର୍ମୀ ଚେତାବନୀ ଦେଇଛନ୍ତି । ଏ ନେଇ ପୌର ପରିଷଦ ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ସେ କହିଥିଲେ, ସେମାନଙ୍କ ମୁଖ୍ୟ ଦାବି ପ୍ରୋଟେକ୍ସନ ୱାଲ କରିବା । କିନ୍ତୁ ତାହା ସରକାରୀ ଜାଗାରେ ରହିଥିବାରୁ ତାହା ସମ୍ଭବ ନୁହେଁ । ତଥାପି ଆମେ ଏ ନେଇ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବୁ ବୋଲି କହିଛନ୍ତି ।

**ଚୋରି ମାମଲାରେ ଜଣେ ଗିରଫ**

ଜୟପୁର, (ପବନ ପାଣିଗ୍ରାହୀ): ଜୟପୁର ସହର ଏନ୍‌କେଟି ରୋଡ୍‌ରେ ଥିବା ଏକ ହୋଟେଲରୁ ପାଇପ ଚୋରି କରିବା ଅଭିଯୋଗରେ ଟାଉନ ଥାନା ପୋଲିସ ଜଣଙ୍କୁ ଗିରଫ କରିଛି। ସେ ହେଲେ ଦ୍ୱିତୀୟ ଦୈନିକ ବଜାର ଅଞ୍ଚଳରେ ରହୁଥିବା ଭବାନୀ ସିଂ ଠାକୁର (୨୮)। ଏନ୍‌କେଟି ରୋଡ୍‌ର ଏହି ହୋଟେଲର ପଛ ପଟେ ଥିବା ପାଣି ପାଇପ ଚୋରି ହୋଇଥିଲା। ଏନେଇ ହୋଟେଲ ମାଲିକ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ହୋଟେଲରେ ଲାଗିଥିବା ସିସି କ୍ୟାମେରା ଯାଞ୍ଚକରି ଭବାନୀଙ୍କୁ ଧରିଥିଲା। ତାଙ୍କଠାରୁ ଚୋରି ହୋଇଥିବା ଷ୍ଟିଲ୍ ପାଇପ ୩ଟି , ପାଣି ଟ୍ୟାପ ୨୫ଟି ଜବତ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର କହିଛନ୍ତି।

**ସଂକ୍ଷେପରେ**

## ରେଡ୍‌କ୍ରସ୍ ଗଠନ, ଭୂମିକା ସହ ବିପର୍ଯ୍ୟୟ ପରିଚାଳନା ନେଇ ଆଲୋଚନା

### ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଜୟପୁର, ୨୭।୯(ପବନ ପାଣିଗ୍ରାହୀ)

ଜୁନିୟର ରେଡ୍‌କ୍ରସ୍‌କୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ବ୍ଲକସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜୟପୁର ଓ କୋରାପୁଟ ବ୍ଲକର ସମସ୍ତ ଉଚ୍ଚ ବିଦ୍ୟାଳୟର ୫୬ଜଣ ରେଡ୍‌କ୍ରସ୍ ପରାମର୍ଶଦାତା ଓ ପରାମର୍ଶଦାତ୍ରୀମାନେ ଉପସ୍ଥିତ ରହି ରେଡ୍‌କ୍ରସ୍‌ର ଉତ୍ପତ୍ତି, ବିପର୍ଯ୍ୟୟ ପରିଚାଳନା ଏବଂ ପ୍ରାଥମିକ ଉପଚାର ଉପରେ ତାଲିମ ଗ୍ରହଣ କରିଛନ୍ତି। ପ୍ରଧାନ ଶିକ୍ଷକ ଶ୍ୟାମ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜୟପୁର ଉପଖଣ୍ଡ ଆରକ୍ଷୀ ଅଧିକାରୀ ହରିଶ୍ ବି.ସି. ଏବଂ ସମ୍ମାନିତ ଅତିଥି ଭାବେ ମନୋଜ ନାୟକ ଓ ଜିଲା ଜୁନିୟର ରେଡ୍‌କ୍ରସ୍ ଅଧିକାରୀ ଯଜ୍ଞେଶ୍ୱର ପଣ୍ଡା ଯୋଗ ରେଡ୍‌କ୍ରସ୍‌ର ପ୍ରତିଷ୍ଠାତାଙ୍କ ଜୀବନୀ, ରେଡ୍‌କ୍ରସ୍ ଓ ଜୁନିୟର ରେଡ୍‌କ୍ରସ୍‌ର ଗଠନ , ସାମ୍ପ୍ରତିକ ସ୍ଥିତିରେ ସ୍ୱେଚ୍ଛାସେବୀଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ସାଧନ କର୍ମୀ ଶୁଭସ୍ମିତା ସାହୁ ଜୁନିୟର ରେଡ୍‌କ୍ରସ୍‌ର ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରିତା ଉପରେ ତାଲିମ ପ୍ରଦାନ କରିଥିବା ବେଳେ ସାଧନକର୍ମୀ ସୁଜିତ୍ ନାୟକ ବିପର୍ଯ୍ୟୟ ପରିଚାଳନା ଉପରେ ଅବଗତ କରାଇଥିଲେ। ପ୍ରାଥମିକ ଉପଚାର ଉପରେ ସାଧନକର୍ମୀ ହରେକୃଷ୍ଣ ମହାରଣା ଆଲୋଚନା କରିଥିଲେ। ହରେକୃଷ୍ଣ ମହାରଣା ଅତିଥି ପରିଚୟ ଦେଇଥିଲେ। ଶିକ୍ଷକ ମନୋଜ ମିଶ୍ର ବେଦପାଠ କରିଥିଲେ। ସୂଚନାଯୋଗ୍ୟ, ଏହି ବ୍ଲକସ୍ତରୀୟ ପ୍ରଶିକ୍ଷଣ ଶିବିର ଚଳିତ ମାସ ୧୨ ତାରିଖରୁ ଜିଲାର ୭ଟି ପ୍ରଶିକ୍ଷଣ କେନ୍ଦ୍ରରେ ଆରମ୍ଭ ହୋଇ ୨୭ରେ ଶେଷହୋଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ।

## ପୂର୍ବତନ ସରପଞ୍ଚଙ୍କ ମାତୃ ବିୟୋଗ

ନନ୍ଦପୁର, ୨୭।୯(ଶଙ୍କର ପୂଜାରୀ)

ନନ୍ଦପୁରର ପୂର୍ବତନ ସରପଞ୍ଚଙ୍କ ମାଆ ବିଜାନ ବିବିଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ଜଣେ ଧର୍ମ ପରାୟଣ ମହିଳା ଥିଲେ। ଖବର ପାଇ ନନ୍ଦପୁର, ଲମତାପୁଟ, କୋରାପୁଟ, ଜୟପୁର ଓ କୋଟପାଡ ଅଞ୍ଚଳର ମୁସଲିମ ସମ୍ପ୍ରଦାୟର ବହୁ ଲୋକ ଥିବା ଗ୍ରାମରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ଥାନୀୟ ଶିକ୍ଷାବିତ, ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ, ପଟ୍ଟାଙ୍ଗି ବିଧାୟକ ପିତମ ପାଢ଼ୀ, ପୂର୍ବତନ ବିଧାୟକ ପ୍ରଫୁଲ୍ଲ ପାଙ୍ଗୀ, ରାମ କାଡାମ, ଜିଲା ବିଜେଡି ସଭାପତି ଝିନ୍ନ ହିକକା, ଈଶ୍ୱର ପାଣିଗ୍ରାହୀ, ଚୈତନ୍ୟ ନନ୍ଦିବାଲି, ଥୁବା ଅଞ୍ଜୁମନ୍ ମୁସଲିମ କମିଟି ସଭାପତି ଶେଖ ହୁସେନ ପ୍ରମୁଖ ବିଜାନ ବିବିଙ୍କ ମୃତ୍ୟୁ ଖବର ପାଇ ଶୋକବ୍ୟକ୍ତ କରିଛନ୍ତି।

## ସୁସ୍ଥ ଶିଶୁ, କିଶୋରୀ, ଅଙ୍ଗନୱାଡ଼ି କର୍ମୀ ପୁରସ୍କୃତ

ନନ୍ଦପୁର ୨୭।୯ (ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଶିଶୁ ବିକାଶ ବିଭାଗ ପକ୍ଷରୁ ପୋଷଣ ମାସ ପାଳନ କରାଯାଇଛି। ବୁଧବାର ଶିଶୁ ବିକାଶ କାର୍ଯ୍ୟାଳୟ ବୈଠକ ଗୃହରେ ବ୍ଲକରେ କାର୍ଯ୍ୟରତ ଅଙ୍ଗନୱାଡ଼ି କର୍ମୀ, ପ୍ରସୂତି, ଗର୍ଭବତୀ, କିଶୋରୀଙ୍କ ଉପସ୍ଥିତିରେ ପୃଷ୍ଟି ପୋଷକ ଖାଦ୍ୟ ସମ୍ପର୍କିତ ଚର୍ଚ୍ଚା, ସୁସ୍ଥ ଶିଶୁ ପ୍ରତିଯୋଗିତା, ପୃଷ୍ଟିତତ୍ୱ ବିଶିଷ୍ଟ ଖାଦ୍ୟର ପ୍ରଦର୍ଶନ କରି ସୁସ୍ଥ ରହିବାର ବିଭିନ୍ନ ମାଧ୍ୟମ ସମ୍ପର୍କରେ ସଚେତନ କରାଯାଇଥିଲା। ବୈଠକରେ ସିଡ଼ିପିଓ ମିନତିବାଳା ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବିଡିଓ ସୁଜିତ ମିଶ୍ର, ସହକାରୀ ଶିକ୍ଷାଧିକାରୀ ନାରାୟଣ ଭୂୟାଁ ଯୋଗ ଦେଇଥିଲେ। ଉପସ୍ଥିତ ଗର୍ଭବତୀ ପ୍ରସୂତି ଙ୍କୁ ସଚେତନ ସହ କିଶୋରୀ ଓ ଅଙ୍ଗନୱାଡ଼ି କର୍ମୀଙ୍କ ମଧ୍ୟରେ ପୋଷଣ ସମ୍ବର୍ଦ୍ଧିତ କୁଇଜ ଓ ସଚେତନ ସମ୍ପର୍କିତ ପ୍ରଦର୍ଶନ ପ୍ରତିଯୋଗିତା ହୋଇଥିଲା। କୁଇଜ୍ ପ୍ରତିଯୋଗିତାରେ କିଶୋରୀ ସବିତା ମୁଦୁଲି, ସୁସ୍ଥ ଶିଶୁ ପାଇଁ ମା ଦଇତା ଶିସା, ଖାଦ୍ୟ ପ୍ରଦର୍ଶନ ପାଇଁ ଅଙ୍ଗନୱାଡ଼ି କର୍ମୀ ରଞ୍ଜୁ ରଞ୍ଜିତା ଯାଦବ ଓ ବର୍ଜ୍ୟବସ୍ତୁ ପରିଚାଳନା ସହ ସଚେତନ ବାର୍ତ୍ତା ଦେଉଥିବା ଅଙ୍ଗନୱାଡ଼ି କର୍ମୀ ଉଷାରାଣୀ ଜେନାଙ୍କ ସମେତ ସମୁଦାୟ ୧୨ ଜଣଙ୍କୁ ପୁରସ୍କୃତ କରାଯାଇଥିଲା।

# ଅବହେଳିତ ଅବସ୍ଥାରେ ବିଜୁ ଉଦ୍ୟାନ

### ରକ୍ଷଣାବେକ୍ଷଣ ପାଇଁ ଖର୍ଚ୍ଚ ହେଉଛି ମାସକୁ ୭୪ ହଜାର

ସୁନାବେଡ଼ା/ସେମିଳିଗୁଡ଼ା, ୨୭।୯ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)



ଅବହେଳିତ ଅବସ୍ଥାରେ ଥିବା ବିଜୁ ଉଦ୍ୟାନ।

ହାଲ୍ ଟାଉନଶିପ ୱାଇ ଜୋନ୍‌ରେ ପୌର ପ୍ରଶାସନ ପକ୍ଷରୁ ପ୍ରାୟ ଦେଢ କୋଟି ଟଙ୍କା ବ୍ୟୟରେ ନିର୍ମିତ ବିଜୁ ପଟ୍ଟନାୟକ ପାର୍କ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡିଛି। ଉଦ୍‌ଘାଟନ ପରେ ସେତେବେଳେ ବିଜୁ ଉଦ୍ୟାନ ରୂପେ ପରିଚିତ ଏହି ପାର୍କ ଭିତରକୁ ଯିବା ପାଇଁ ପ୍ରବେଶ ଶୁଳ୍କ ମଧ୍ୟ ରଖାଯାଇଥିଲା। ସେ ସମୟରେ ଏହାର ରକ୍ଷଣାବେକ୍ଷଣ ପାଇଁ ଶାଶ୍ୱତୀ ମହିଳା ମହାସଂଘକୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଏଥିପାଇଁ ମାସକୁ ପ୍ରାୟ ୭୪ହଜାର ଟଙ୍କା ମହାସଂଘ ବ୍ୟାଙ୍କ ଜମାଖାତାକୁ ଯାଉଥିଲା। ତେବେ ୨ ବର୍ଷ ଉକ୍ତ ମହିଳା ମହାସଂଘ ଦାୟିତ୍ୱ ନେବା ପରେ ତାକୁ ପ୍ରଶାସନ ଅପସାରଣ କରି ମା' ଗଙ୍ଗା ମା' ସ୍ୱୟଂ ସହାୟକ ଗୋଷ୍ଠୀକୁ ଦାୟିତ୍ୱ ଦେଇଥିଲା। ଗତ ୮ମାସ ହେବ ଏହି ଗୋଷ୍ଠୀ ଦାୟିତ୍ୱ ନେଇଛି। ପ୍ରତି ମାସରେ ପ୍ରଶାସନ ବିଜୁ ଉଦ୍ୟାନର ରକ୍ଷଣାବେକ୍ଷଣ ପାଇଁ ୭୪,୯୯୯ ଟଙ୍କା ଖର୍ଚ୍ଚ କରୁଛି। ଏହା ସତ୍ତ୍ୱେ ଉଦ୍ୟାନର ଅବସ୍ଥା ଶୋଚନୀୟ ହୋଇପଡିଛି। ଏତେ ଟଙ୍କା ମାସକୁ ମାସ କେଉଁଠି ବିନିଯୋଗ ହେଉଛି ସେନେଇ ସନ୍ଦେହ ପ୍ରକାଶ ପାଇଛି। ନିୟମ ଅନୁସାରେ ଉଦ୍ୟାନ ପାଇଁ ୬ ଜଣ ମାଳୀ ଓ ଜଣେ ସୁପରଭାଇଜର ରହିବା କଥା। ମାତ୍ର ଏ କ୍ଷେତ୍ରରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ସାରା ଉଦ୍ୟାନରେ ଘାସବଣରେ ପରିଣତ ହେବା ସହ ଲଗାଯାଇଥିବା ଲାଇଟଗୁଡିକ ଭାଙ୍ଗିରୁଜିଗଲାଣି। ବସିବା ପାଇଁ ପଡିଥିବା ଚେୟାରଗୁଡିକ ଅବସ୍ଥା ମଧ୍ୟ ନ କହିବା ଭଲ। ସନ୍ଧ୍ୟା ହେଲେ ଏହି ଉଦ୍ୟାନରେ ଅସାମାଜିକ ବ୍ୟକ୍ତିଙ୍କ ଆସର ଜମୁଛି। ଏଥିପ୍ରତି ପୌର ପ୍ରଶାସନର ନଜର ନାହିଁ। ଏ ସମ୍ପର୍କରେ ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ନାରାୟଣ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏ ବିଷୟରେ ସେ ଅବଗତ ଅଛନ୍ତି । କାର୍ଯ୍ୟବ୍ୟସ୍ତ ଯୋଗୁ ଉଦ୍ୟାନକୁ ଯାଇପାରୁନାହାନ୍ତି। ଦିନେ ଦୁଇଦିନ ମଧ୍ୟରେ ଉଦ୍ୟାନକୁ ଯାଇ ସ୍ଥିତି ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ। ଅପରପକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ରତନି ଖେମୁଣ୍ଡୁଙ୍କ ତାଙ୍କ ମୋବାଇଲ ୯୭୭୭୯୦୨୯୭୩ ଯୋଗେ ବାରମ୍ବାର ଯୋଗାଯୋଗ କରିବାରୁ ତାହା ସମ୍ଭବ ହୋଇ ନ ଥିଲା।

# କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ ତାଲିମ



ଜଣେ ବ୍ୟକ୍ତିଙ୍କୁ ଡ୍ରେସିଂ ତାଲିମ ଦିଆଯାଉଛି।

ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)

ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଜଗଧାତ୍ରୀପୁର ଓ ଲେପ୍ରା ସୋସାଇଟି ଆନୁକୂଲ୍ୟରେ ଜୟନଗରସ୍ଥିତ ଅଙ୍ଗନୱାଡି କେନ୍ଦ୍ରରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ମୁଖ୍ୟତଃ କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତିଙ୍କୁ କିପରି ନିଜର ଯତ୍ନ ନେଇପାରିବେ ସେସମ୍ପର୍କରେ ତାଲିମ ପ୍ରଦାନ କରାଯାଇଥିଲା। ସେମାନଙ୍କୁ ଡ୍ରେସିଂ କିଟ୍ ପ୍ରଦାନ କରିବା ସହ ନିଜର ହାତ, ଗୋଡ଼, ଶରୀର ଯତ୍ନ କିପରି ନେବେ ସଚେତନ କରାଯାଇଥିଲା। ରୋଗୀମାନଙ୍କୁ ଭତ୍ତା ମିଳୁଛି କି ନାହିଁ ଏବଂ ସେମାନଙ୍କ ସାମାଜିକ ଥଇଥାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ୧୨ ଜଣ କୁଷ୍ଠ ରୋଗାକ୍ରାନ୍ତ ବ୍ୟକ୍ତି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଲେପ୍ରା ସୋସାଇଟିର ପ୍ରୋଜେକ୍ଟ ମ୍ୟାନେଜର ନେତ୍ରାନନ୍ଦ ସାହୁ, ନିବେଦିତା ପଣ୍ଡା, ଅନିଲ କୁମାର, ଭାସ୍କର ରାଓ ପ୍ରମୁଖ ଉପସ୍ଥିତ ଥିଲେ। ସୁପଭାଇଜର ସତ୍ୟ ନାରାୟଣ ପାତ୍ର ପରିଚାଳନା କରିଥିଲେ।

# ଅସୁସ୍ଥ ଛାତ୍ରୀଙ୍କୁ ସହାୟତା କଲେ ଛାତ୍ରୀଛାତ୍ର



ଅଚେତ ଛାତ୍ରୀଙ୍କୁ ସହପାଠୀମାନେ ଡାକ୍ତରଖାନା ବୋହି ନେଉଛନ୍ତି।

ପଟ୍ଟାଙ୍ଗି, ୨୭।୯(ଶରତ ଧଳ)

### ବିଦ୍ୟାଳୟରେ ନାହାନ୍ତି ଶିକ୍ଷକ

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସୀମାନ୍ତ ତଳଗୋଲୁର ପଞ୍ଚାୟତର ଦିଗଗୋଲୁର ୟୁଜିଏଚ୍‌ଏସ୍ ବିଦ୍ୟାଳୟରେ ଜଣେ ଅସୁସ୍ଥ ଛାତ୍ରୀଙ୍କୁ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇ ତାଙ୍କୁ ସୁସ୍ଥ କରିଛନ୍ତି। ଜଣେ ସହପାଠିନୀଙ୍କ ପ୍ରତି ଛାତ୍ରୀଛାତ୍ରଙ୍କ ଏପରି ଦାୟିତ୍ୱବୋଧ ସାଧାରଣରେ ପ୍ରଶଂସା କରାଯାଇଛି। ଖବରରୁଜଣାପଡିଛି, ଏହି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ର ମାନେ ପାଠପଢୁଛନ୍ତି। ବିଦ୍ୟାଳୟରେ ଅନ୍ତେବାସୀ ରୂପେ ରହିବା ପାଇଁ ସୁବିଧା ରହିଛି ବୁଧବାର ଜଣେ ନବମ ଶ୍ରେଣୀର ଛାତ୍ରୀ ହଠାତ ଶ୍ରେଣୀ ଗୃହରେ ଅଚେତ ହୋଇ ପଡିଥିଲେ। ସେହି ସମୟରେ ଶ୍ରେଣୀଗୃହରେ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ନ ଥିଲେ। ସହପାଠିନୀମାନେ ତୁରନ୍ତ ଅଚେତ ଛାତ୍ରୀଙ୍କୁ ଉଠାଇ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ର କୁ ନେଇଥିଲେ। ଏହି ଖବର ପାଇବା ପରେ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକ ସଦର ମହକୁମାରୁ ୪୫ କି.ମି. ଦୂରରେ ଥିବା ଏହି ବିଦ୍ୟାଳୟ ପ୍ରତି ବ୍ଲକ ଶିକ୍ଷା ଅଧିକାରୀ ଅଣଦେଖା କରୁଥିବା ଏବଂ ଅଧିକାଂଶ ସମୟରେ ବିଦ୍ୟାଳୟରେ ପାଠପଢା ଠିକ୍ ରୂପେ ହେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ୬ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ନିୟମିତ ବିଦ୍ୟାଳୟ ଆସୁ ନ ଥିବା ଯେଉଁ ଦିନ ଆସୁଛନ୍ତି ଛାତ୍ରୀଛାତ୍ରଙ୍କ ଉପସ୍ଥାନ ତଦାରଖ କରି ଚାଲି ଯାଉଥିବା ଅଭିଭାବକମାନେ ମଧ୍ୟ ଅଭିଯୋଗ ଉଠାଇଛନ୍ତି। ଏହାକୁ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ସିଆରସିଙ୍କ ଦୃଷ୍ଟି ଆକର୍ଷଣ କରା ଯାଉଥିଲେ ମଧ୍ୟ ଏଥିପ୍ରତି କେହି ତତ୍ପରତା ପ୍ରକାଶ କରୁନାହାନ୍ତି ବୋଲି ସେମାନେ କହିଛନ୍ତି। ସିଆରସିସି ପ୍ରଦିପ୍ତ ଦତ୍ତଙ୍କୁ ଏ ସମ୍ପର୍କରେ ପଚାରିବାରୁ ଗ୍ରାମବାସୀ ଉଠାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଛ। ବିଦ୍ୟାଳୟକୁ ଶିକ୍ଷକ ମାନେ ନିୟମିତ ଯାଉଥିବା ବେଳେ ପ୍ରଧାନ ଶିକ୍ଷକ ଏବଂ ଅନ୍ୟ ଜଣେ ଅତିରିକ୍ତ ଶିକ୍ଷକ ଏବେ ଏକ ତାଲିମ କାର୍ଯ୍ୟକ୍ରମରେ ଯାଇଛନ୍ତି। ଅନ୍ୟ ୪ ଜଣ ଶିକ୍ଷକ ବିଦ୍ୟାଳୟରେ ଉପସ୍ଥିତ ରହୁଥିବା କହିଛନ୍ତି। ତେବେ ସେ ଅସୁସ୍ଥ ଛାତ୍ରୀଙ୍କ ସମ୍ପର୍କରେ କୌଣସି ମତାମତ ଦେବାକୁ ମନା କରି ଦେଇଥିଲେ। ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ରଜନୀକାନ୍ତ ବଡ ନାୟକଙ୍କୁ ପଚାରିବାରୁ ସେ କହିଲେ, ଉକ୍ତ ବିଦ୍ୟାଳୟର ଛାତ୍ରୀଙ୍କ ଅସୁସ୍ଥତା ସମ୍ପର୍କରେ ଖବର ପାଇଛି। ମୁଁ ନିଜେ ବିଦ୍ୟାଳୟରେ ପହଞ୍ଚି କିପରି ସମ୍ପୃକ୍ତ ଛାତ୍ରୀଙ୍କ ଚିକିତ୍ସା କରା ଯିବ ସେନେଇ ପଦକ୍ଷେପ ଗ୍ରହଣ କରିଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୩୩୭ ଛାତ୍ରୀଛାତ୍ର ପାଠ ପଢୁଥିବା ବେଳେ ସେଥିରୁ ୮୫ ଜଣ ଅନ୍ତେବାସୀ ରୂପେ ରହି ଶିକ୍ଷା ଗ୍ରହଣ କରୁଛନ୍ତି।

## ଅଭିଯୁକ୍ତଙ୍କ ପାଇଁ ରହିଛି ୧୦ ବର୍ଷ କାରାଦଣ୍ଡ ବ୍ୟବସ୍ଥା

### ଏସିଡ୍ ଆକ୍ରମଣ ଉପରେ ସଚେତନତା ଶିବିର

ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)

ଜିଲା ଆଇନ ସେବା ପ୍ରାଧିକରଣ କୋରାପୁଟ-ଜୟପୁର ପକ୍ଷରୁ ବୁଧବାର ଜିଲା ଜଜ୍ ସତ୍ୟନାରାୟଣ ମିଶ୍ର ତତ୍ତ୍ୱାବଧାନରେ ସ୍ଥାନୀୟ ଫାର୍ମାସି କଲେଜଠାରେ ଏସିଡ୍ ଆକ୍ରମଣ ସମ୍ପର୍କରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରାଧିକରଣ ସଚିବ ସୁମନ ଜେନା, ଅନ୍ୟତମ ଅତିଥି ରୂପେ ଡା. ଆର୍.ଏନ ମିଶ୍ର, ଆମ୍ବାଗୁଡା ଥାନା ଭାରପ୍ରାପ୍ତ ଅଧିକାରୀ ରବୀନ୍ଦ୍ରନାଥ ରଥ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଏସିଡ୍ ଆକ୍ରମଣ ହେଲେ ଏନେଇ ରହିଥିବା ଆଇନ ସମ୍ପର୍କରେ ବୁଝାଇଥିଲେ। ୨୦୧୩ ପର୍ଯ୍ୟନ୍ତ ଏସିଡ୍ ଆକ୍ରମଣକୁ ଭାରତୀୟ ଆଇନ ଅନୁଯାୟୀ ପୃଥକ୍ ଅପରାଧ ଭାବରେ ବିବେଚନା କରାଯାଇ ନ ଥିଲା। ଏହାକୁ ଗଭୀର ଆଘାତ ଏବଂ ହତ୍ୟା ଉଦ୍ୟମ ଶ୍ରେଣୀରେ ଅନ୍ତର୍ଭୁକ୍ତ କରାଯାଇଥିଲା। ୨୦୧୩ର କ୍ରାଇମବ୍ରାଞ୍ଚ ଆଇନ (ସଂଶୋଧନ) ଅଧିନିୟମ ପାରିତକରି ଏସିଡ୍ ଆକ୍ରମଣ ଆଇନ ହୋଇଥିଲା। ଏହାର ଧାରା ୩୨୬ଏ ଏବଂ ଧାରା ୩୨୬ ବି ରଖାଯାଇ ଭାରତୀୟ ଦଣ୍ଡ ସଂହିତା-୧୮୬୦ରେ ଯୋଡାଯାଇଥିଲା। ୩୨୬ଏ ଏସିଡ୍ ଆକ୍ରମଣ ଦ୍ୱାରା କ୍ଷତି ହୋଇଥିବା ଅପରାଧ ପାଇଁ ଅପରାଧୀଙ୍କୁ ସର୍ବନିମ୍ନ ୧୦ ବର୍ଷ କାରାଦଣ୍ଡ ମିଳିଥାଏ। ଆବଶ୍ୟକ ସ୍ଥଳେ ଆଜୀବନ କାରାଦଣ୍ଡ ଏବଂ ଜରିମାନା ମଧ୍ୟ ଆଦାୟ ହୋଇଥାଏ ବୋଲି ଉପସ୍ଥିତ ଅତିଥିମାନେ ବୁଝାଇଥିଲେ। ମାନସୀ ଖାଡ଼ଙ୍ଗା, ଧନ୍ୟବାଦ ଦେଇଥିଲେ। ଫାର୍ମାସି କଲେଜ ଭାଇସ୍ ପ୍ରିନ୍ସିପାଲ୍ ସଂଗ୍ରାମ କେଶରୀ ପଣ୍ଡା, ଶାଶ୍ୱତ ରଥ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ




ସାକ୍ଷରତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀମାନେ।

ଜୟପୁର, ୨୭।୯ (ପବନ ପାଣିଗ୍ରାହୀ)

ଭାରତ ସରକାରଙ୍କ ପକ୍ଷରୁ ଚାଲିଥିବା ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ ମଙ୍ଗଳବାର ଜୟପୁରରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୋରାପୁଟ ଜିଲାର ୧୪ଟି ବ୍ଲକରେ କରାଯାଇଛି। ଜୟପୁର ବ୍ଲକର ସରକାରୀ ଉନ୍ନୀତ ଉଚ୍ଚବିଦ୍ୟାଳୟ ରଣ୍ଡାପାଲି ଓ ପ୍ରୋଜେକ୍ଟ ଉଚ୍ଚ ବିଦ୍ୟାଳୟ ବାରିଣୀପୁଟ ଏବଂ କୋରାପୁଟ ବ୍ଲକର ଏକ୍ସବୋର୍ଡ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ମାନବାର ଏବଂ ଦଶମନ୍ତପୁର ବ୍ଲକର ଆଡମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ପରଜାସୁକୁଲି ପ୍ରାଥମିକ ବିଦ୍ୟାଳୟ, ବାଣୁଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଏବଂ ନନ୍ଦିଗାଁ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ବିଭାଗର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସାକ୍ଷରତା ଓ ପର୍ଯ୍ୟବେକ୍ଷଣ କାର୍ଯ୍ୟକ୍ରମ ହୋଇଥିଲା। ଏହି ସମୟରେ ନୂଆଦିଲ୍ଲୀ ଶିକ୍ଷା ମନ୍ତ୍ରଣାଳୟର ଗଗନ କୁମାର, ରାଜ୍ୟ ସରକାରଙ୍କ ଏଲିମେଣ୍ଟରି ଡାଇରେକ୍ଟର ଡ. ଚିତ୍ତ ରଞ୍ଜନ ପାଣିଗ୍ରାହୀ ଓ କୋରାପୁଟ ଜିଲା ଶିକ୍ଷା ଅଧିକାରୀ ଅର୍ପିତା ପ୍ରଧାନ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ ଉପସ୍ଥିତିରେ କାର୍ଯ୍ୟକ୍ରମର ପର୍ଯ୍ୟବେକ୍ଷଣ କରାଯାଇଥିଲା। ସମଗ୍ର ଜିଲାରୁ ୧୭୯୮୫ ମହିଳା ୧୦୪୦୩ ପୁରୁଷ ଯୋଗ ଦେଇଥିଲେ। ସୂଚନାଯୋଗ୍ୟ, ଏହି ଅବସରରେ ୨୪ ଓ ୨୫ ତାରିଖରେ କାର୍ଯ୍ୟକ୍ରମର ରୂପରେଖ ନେଇ ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ଉପସ୍ଥିତିରେ ଏକ ସମୀକ୍ଷା ବୈଠକ କୋରାପୁଟରେ ଅନୁଷ୍ଠିତ ହୋଇଥିଲା ।

# ଜିଲାସ୍ତରୀୟ ପୋଷଣ ମାସ ପାଳିତ

କୋରାପୁଟ, ୨୭।୯(ଅମିତାଭ ବେହେରା)

ଜିଲା ସମାଜ ମଙ୍ଗଳ କଲ୍ୟାଣ ବିଭାଗ ପକ୍ଷରୁ ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ପରିସରରେ ଜିଲାସ୍ତରୀୟ ପୋଷଣ ମାସ ବୁଧବାର ପାଳିତ ହୋଇଯାଇଛି। ଏନେଇ ବିଦ୍ୟାଳୟ ଛାତ୍ରୀଛାତ୍ର, ଅଙ୍ଗନୱାଡି କର୍ମୀ ବିଭିନ୍ନ ସଚେତନତାମୂଳକ ବାର୍ତ୍ତା ଦେଇ ଏକ ଶୋଭାଯାତ୍ରା କରିଥିଲେ। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ମୁଖ୍ୟ ଅତିଥିଭାବେ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଶୋଭାଯାତ୍ରା ପରେ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ରଠାରେ ସଭା ହୋଇଥିଲା। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୌରବ ଶିବାଜୀ ଇଶାଲୱାରଙ୍କ ଅଧ୍ୟକ୍ଷତା କରିଥିଲେ। କୋରାପୁଟ ଜିଲା ସମାଜ ମଙ୍ଗଳ କଲ୍ୟାଣ ଅଧିକାରୀ ଅନ୍ନପୂର୍ଣ୍ଣା କୁଣ୍ଡୁ କାର୍ଯ୍ୟକ୍ରମର ଲକ୍ଷ୍ୟ ଉଦେଶ୍ୟ ଉପରେ ମତ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ରୂପେ ଅତିରିକ୍ତ ଜିଲାପାଳ ମାଝୀ, ଏନଆରସି ସନ୍ଦୀପ ଚୌଧୁରୀ, ରାଜଶ୍ରୀ ପଟ୍ଟନାୟକ, ସୁଦିପ ପାଳ ପ୍ରମୁଖ ନିଜ ମତ ରଖିଥିଲେ। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀମାନେ ବିଭିନ୍ନ ପୋଷଣଯୁକ୍ତ କାର୍ଯ୍ୟକ୍ରମ ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସ୍ଥାନୀୟ କଳାକାରମାନେ ପୋଷଣ, ମମତା ଯୋଜନା, ବାଲ୍ୟବିବାହ ଉପରେ ନାଟକ ପରିବେଷଣ କରିଥିଲେ। ପରେ ଅତିଥିମାନଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯେଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲାର ସମସ୍ତ ଶିଶୁ ବିକାଶ ଅଧିକାରୀ, ଜିଲା ସଂଯୋଜକ କନକଲତା ନାୟକ, ସୀମା ବେହେରା, ପ୍ରସନ୍ନ ମିଶ୍ରଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସୁରକ୍ଷା ଅଧିକାରୀ ଦୀପ୍ତି ମାର୍ଗେଟ କନ୍ଦପାନ ଧନ୍ୟବାଦ ଦେଇଥିଲେ।




ପୋଷଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ସୂଚକ ପାର କଲେ ପଞ୍ଚାୟତକୁ ମିଳିବ ୧୦ କୋଟି

ନନ୍ଦପୁର, ୨୭।୯ (ଶଙ୍କର ପୂଜାରୀ)

କେନ୍ଦ୍ର ସରକାର ଗ୍ରାମ ପଞ୍ଚାୟତର ବିକାଶ ନିମନ୍ତେ ଏକ ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିଛନ୍ତି। ୬୪୬ ପ୍ରକାର ନିର୍ଦ୍ଧାରଣ ସୂଚକରେ ସଫଳ ହେଲେ ସମ୍ପୃକ୍ତ ପଞ୍ଚାୟତକୁ ଏକକାଳୀନ ୧୦କୋଟି ଟଙ୍କାର ଅନୁଦାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ଫଳରେ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଓ ପଞ୍ଚାୟତିରାଜ ବିଭାଗ ନିର୍ଦ୍ଦେଶ ମୁତାବକ କୋରାପୁଟ ଜିଲା ପଞ୍ଚାୟତ ସାଧନକେନ୍ଦ୍ର ପକ୍ଷରୁ ପଞ୍ଚାୟତ ବିକାଶ ସୂଚକ ସମ୍ପର୍କିତ ଏକ ଦିବସୀୟ କର୍ମଶାଳା ନନ୍ଦପୁର ବ୍ଲକ ବୈଠକ ଗୃହରେ ବୁଧବାର ଅନୁଷ୍ଠିତ ହୋଇଛି। ବିଡିଓ ସୁଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ଶିବିରରେ ଜିଲା ପିଏମଏସଡି ଅଧିକାରୀ ହିମାଂଶୁ ଶତପଥୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଯୋଜନା ଓ ସୂଚକ ସମ୍ପର୍କରେ ଅବଗତ କରାଇଥିଲେ। ପ୍ରତ୍ୟେକ ପଞ୍ଚାୟତରେ କାର୍ଯ୍ୟରତ ପିଇଓ, ଜିଆରଏସ, ଏଏନଏମ, ଆଶା କର୍ମୀ, ଅଙ୍ଗନୱାଡ଼ି, ଭିଡବ୍ଲୁଏସସି, ଶିକ୍ଷକ, ବର୍ଜ୍ୟବସ୍ତୁ ପରିଚାଳନା ସଦସ୍ୟ, ଶିଶୁ ସୁରକ୍ଷା କର୍ମୀ, କୃଷି ଅଧିକାରୀ, ପ୍ରାଣୀଧନ ଅଧିକାରୀ ଓ ଏମବିକେ ପ୍ରମୁଖ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଲୋକ ପ୍ରତିନିଧିଙ୍କୁ ସାମିଲ କରି ପ୍ରତ୍ୟେକ ପଞ୍ଚାୟତ ନିମନ୍ତେ ଏକ ପଞ୍ଚାୟତ କମିଟି ଗଠନ କରାଯିବ। ସମସ୍ତେ ଦଳଗତ ଭାବେ କାର୍ଯ୍ୟକରି ପ୍ରସ୍ତାବିତ ଯୋଜନାରେ ଥିବା ୬୪୬ ପ୍ରକାରର ଧାର୍ଯ୍ୟ ସଫଳତା କିପରି ହାସଲ କରିବା ସେ ସମ୍ପର୍କରେ ଆଲୋକପାତ କରିଥିଲେ।

# କୋରାପୁଟିଆ ପାଳକ ସମ୍ମିଳନୀ ପକ୍ଷରୁ ଶୋଭାଯାତ୍ରା

### ମଣିପୁର, ଭାରତୀୟ ଖ୍ରୀଷ୍ଟିଆନଙ୍କ ପ୍ରତି ଅନ୍ୟାୟର ପ୍ରତିବାଦ




କୋରାପୁଟିଆ ପାଳକ ସମ୍ମିଳନୀ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

କୋରାପୁଟ, ୨୭।୯(ଅମିତାଭ ବେହେରା)

କୋରାପୁଟିଆ ପାଳକ ସମ୍ମିଳନୀ ପକ୍ଷରୁ ମଣିପୁର ଓ ଭାରତୀୟ ଖ୍ରୀଷ୍ଟିଆନମାନଙ୍କ ପ୍ରତି ହେଉଥିବା ଅତ୍ୟାଚାର ଓ ଅବହେଳା ପ୍ରତିବାଦରେ ବୁଧବାର ଏକ ବିଶାଳ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ସହର ପରିକ୍ରମା କରିଛି। ସ୍ଥାନୀୟ ରେଭେନ୍ୟୁ ପଡ଼ିଆଠାରୁ କୋରାପୁଟିଆ ପାଳକ ସମ୍ମିଳନୀ ପକ୍ଷରୁ ବାହାରିଥିବା ଏହି ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। କର୍ମକର୍ତ୍ତାମାନେ ଏକ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରଦାନ କରିଥିଲେ। ଏଥିରେ ଉଲ୍ଲେଖ ରହିଛି ଯେ, ମଣିପୁରରେ ଦୁଃଖୀ ପରିବାରର ସୁରକ୍ଷା ଓ ପୁନର୍ବସତି କାମନା କରି ସେମାନେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ଜଣାଉଛନ୍ତି। ପୁଣି ଭାରତର ବିଭିନ୍ନ ସ୍ଥାନରେ ଖ୍ରୀଷ୍ଟିଆନମାନଙ୍କ ପ୍ରତି ଘଟୁଥିବା ଅନ୍ୟାୟ ଓ ଧର୍ମାନ୍ତରୀକରଣ ଆଇନର ହେଉଥିବା ଅପବ୍ୟବହାର ବିରୋଧରେ ସେମାନେ ସଂଖ୍ୟାଲଘୁ କମିଶନ ଗଠନ ଲାଗି ଦାବି କରିଛନ୍ତି। ଶୋଭାଯାତ୍ରାକୁ କୋରାପୁଟିଆ ପାଳକ ସମ୍ମିଳନୀ ଅଧ୍ୟକ୍ଷ ଖ୍ରୀଷ୍ଟଦାନ ଟାକ୍ରି, ଉପସଭାପତି ଦାନିଏଲ୍ ଖରା, ସାଧାରଣ ସମ୍ପାଦକ ହେମ ପ୍ରସାଦ ଦାସ ଏବଂ ଜଇଲୁମ ବିଶପ ବିଧାନ ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ମିଳନୀ କର୍ମକର୍ତ୍ତାମାନ ଓଡ଼ିଶା ମୁଖ୍ୟମନ୍ତ୍ରୀଙ୍କୁ ଖ୍ରୀଷ୍ଟିଆନମାନଙ୍କ ପ୍ରତି ଦୃଷ୍ଟି ରଖି ସେମାନଙ୍କ ବିକାଶ ଓ ମଙ୍ଗଳ ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ସହ ସଂଖ୍ୟାଲଘୁ କମିଶନ ଗଠନ କରିବାକୁ ନିବେଦନ କରିଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପି ସପ୍ତଗିରି ଉଲାକା, କୃଷ୍ଣ କୁଲଦୀପ, ନମିତା ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ସରପଞ୍ଚଙ୍କ ଅଯୋଗ୍ୟ ଘୋଷଣା ଆଦେଶକୁ ଖାରଜ କଲେ ହାଇକୋର୍ଟ

ତେନ୍ତୁଳିଖୁଣ୍ଟି, ୨୭।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ର ତେନ୍ତୁଳିଖୁଣ୍ଟି ସରପଞ୍ଚ ଟଭା ନାୟକ ଲେଖି ପଢି ଜାଣି ନ ଥିବା ଅଭିଯୋଗରେ ଅଯୋଗ୍ୟ ଘୋଷଣା କରିଥିଲେ। ଏହା ବିରୋଧରେ ଟଭା ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଡବ୍ଲୁପିସି (ସି) ୨୮୦୪୪/୨୦୨୩ର ଶୁଣାଣି ଅରବିନ୍ଦ ସିହ୍ନା କରିଥିଲେ। କେବଳ ଓଡ଼ିଆ ଲେଖି ପଢି ପାରୁ ନ ଥିବା କାରଣ ଯୋଗୁ ସରପଞ୍ଚଙ୍କୁ ଅଯୋଗ୍ୟ ଘୋଷଣା କରାଯାଇ ପାରିବନି ବୋଲି ଜଜ୍ ରାୟ ଦେଇଛନ୍ତି। ଧର୍ମର ଜୟ ହୋଇଛି ବୋଲି କଂଗ୍ରେସ ନେତା ଭୀମସେନ ପାଣିଗ୍ରାହୀ କହିଛନ୍ତି।

### ଲଘୁଚାପ ବର୍ଷାରେ ଭାଙ୍ଗିଛି ୬୪ ଘର

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକରେ ୧୨ ତାରିଖରେ ଲଘୁଚାପ ଯୋଗୁ ୧୪୬ ମିଲିମିଟର ବର୍ଷା ହୋଇଥିଲା। ଫଳରେ ପାପଡାହାଣ୍ଡି ତହସିଲ ଅଧୀନ ୨୧ ପଞ୍ଚାୟତ ୩୩ ଗ୍ରାମର ୬୪ ଟି ଘର ଭାଙ୍ଗି ଯାଇଛି। ପ୍ରାଥମିକ ଭାବେ ସର୍ବମୋଟ ୨ଲକ୍ଷ ୫୬ ହଜାର ଟଙ୍କାର କ୍ଷୟକ୍ଷତିର ଆକଳନ କରାଯାଇଛି । ସମସ୍ତ ୬୪ ଘରକୁ ପ୍ରଥମେ ତହସିଲ କାର୍ଯ୍ୟାଳୟ ପକ୍ଷରୁ ପଲିଥିନ ଯୋଗାଇ ଦିଆଯାଇଛି ବୋଲି ଜିଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

### ଆଦର୍ଶ ସ୍ନାତକ କଲେଜରେ ରକ୍ତଦାନ ଶିବିର

ନବରଙ୍ଗପୁର,୨୭।୯(ସଦାଶିବପ୍ରହରାଜ)

ନବରଙ୍ଗପୁର ଚିର୍ଲି ଆମ୍ବାଗୁଡାସ୍ଥିତ ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ସାନମସିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ପ୍ରଭାକର ଦାସ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଡ. ରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ସାନମସିଗାଁ ମେଡିକାଲର ବିପିଏମ୍ ସୁଧାଂଶୁ ଶେଖର ତ୍ରିପାଠୀ ଓ ସୁପରଭାଇଜର ଆଶୁତୋଷ ପାଢ଼ୀ, ପିଏଚ୍‌ଇଓ ଉପସ୍ଥିତ ଥିଲେ। ଆୟୁଷ ଡାକ୍ତର ହିମାଂଶୁ ଶେଖର ମିଶ୍ର, ଏଲ୍‌ଟି ଜିତେନ୍ଦ୍ର ବଣିଆ, କାଉନସିଲର କୃଷ୍ଣ ମେହେର, ଗଣେଶ ମଲିକ, ସିଏଚ୍‌ଓ ଏବଂ ବ୍ଲଡ୍ ବ୍ୟାଙ୍କ କର୍ମଚାରୀଙ୍କ ସହାୟତାରେ ହୋଇଥିବା ଏହି ଶିବିରରେ ୬୫ ଜଣ ରକ୍ତଦାନ କରିଥିଲେ। ଏହି ଅବସରରେ ୧୩୫ ଜଣଙ୍କ ବ୍ଲଡ୍ ଗ୍ରୁପ୍ ଓ ୧୨୦ଜଣଙ୍କ ହିମୋଗ୍ଲୋବିନ ପରୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଜିଲା ଜାତୀୟ ସେବା ଯୋଜନା ଅଧିକାରୀ ବିନୋଦ ବିହାରୀ ପ୍ରଧାନ, କଲେଜର ଜାତୀୟ ସେବା ଯୋଜନା ଅଧିକାରୀ ସହକାରୀ ପ୍ରଫେସର ରାଜୀବ ଜାଲ, ଡ ଅରବିନ୍ଦ ଓଝା, ଡ. ନୀଳକଣ୍ଠ ତ୍ରିପାଠୀ, ଦୁଲାରୀ କିସ୍କୁ, ରଞ୍ଜୁଲତା କହଁର, ହୃଷୀକେଶ ସୁବୁଦ୍ଧି, ସତ୍ୟରଞ୍ଜନ ପ୍ରଧାନ, ଲବ ଖୋସ୍‌ଲା, ମୋନାଲିସା ନାଗ, ଜି. ଜୟ ପ୍ରକାଶ, ସୋନୁ ସାହୁ, ସୁଲୋଚନା ନାୟକ, ଶ୍ରବଣ ପୂଜାରୀ, ଧନର ମାଝି, ପ୍ରହ୍ଲାଦ ଭକ୍ତ,ଅକ୍ଷୟ ଭକ୍ତ,ପଦ୍ମା ହରିଜନ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

### ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀ ଅଧିଗ୍ରହଣ, ପ୍ରଶିକ୍ଷଣ କାର୍ଯ୍ୟକ୍ରମ



ଉମରକୋଟ, ୨୭।୯ (ସନ୍ତୋଷ ଶତପଥୀ)

ଉମରକୋଟ ପେଣ୍ଡ୍ରାଣୀ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନାର (ଏନ୍‌ଏସ୍‌ଏସ୍)ର ମହିଳା ଓ ପୁରୁଷ ଶାଖା ପକ୍ଷରୁ ସ୍ୱେଚ୍ଛାସେବୀ ଅଧିଗ୍ରହଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପେଣ୍ଡ୍ରାଣୀ ମହାବିଦ୍ୟାଳୟ ପ୍ରଧାପକ ଡ.ଅନୀଲ କୁମାର ମିଶ୍ର କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। ଏନ୍‌ଏସ୍‌ଏସ୍ ସହ ଯୋଡି ହୋଇ ମହାବିଦ୍ୟାଳୟ ତଥା ଦେଶ ସେବା ପାଇଁ ନିଜକୁ ସର୍ବଦା ପ୍ରସ୍ତୁତ ରଖିବାକୁ ସେ ସ୍ୱେଚ୍ଛାସେବୀଙ୍କୁ ପରାମର୍ଶ ଦେଇଥିଲେ। ଏନ୍‌ଏସ୍‌ଏସ୍ ସଂଯୋଜକ ଡ଼.ଶେଷାନନ୍ଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପକ ଜି. ଧର୍ମେନ୍ଦ୍ର, ପ୍ରଦୋଷ ପଟ୍ଟନାୟକ, ଚିନ୍ମୟ ରାଉତ, ସମୀର ମହାନ୍ତି, ରତ୍ନୁ ଦୋରା, ପ୍ରାଧ୍ୟାପକ ଡ଼. ରବୀନ୍ଦ୍ର ମିଶ୍ର ପ୍ରମୁଖ ଏନ୍‌ଏସ୍‌ଏସ୍ ସମ୍ପର୍କରେ ମତ ଦେଇଥିଲେ। ଡ଼.ଶେଷାନନ୍ଦ ମିଶ୍ର ଧନ୍ୟବାଦ ଦେଇଥିଲେ।

# ଘାଟିରେ ଗାଡ଼ି ଓଲଟି ୯ବର୍ଷରେ ୧୮ ମୃତ

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

**ଚନ୍ଦାହାଣ୍ଡି ଘାଟି ନେଲାଣି ଅନେକ ଜୀବନ, ଉଜୁଡ଼ିଗଲାଣି ବହୁ ସୁଖ ସଂସାର**

ଚନ୍ଦାହାଣ୍ଡି ଘାଟି ନେଲାଣି ଅନେକ ଜୀବନ। ଉଜାଡ଼ି ଦେଲାଣି ବହୁ ସୁଖୀ ପରିବାର। ୯ବର୍ଷ ଭିତରେ ୧୮ ଜଣଙ୍କ ମୃତ୍ୟୁ ହୋଇସାରିଲାଣି। ଏହାଛଡ଼ା ଅନେକ ଛୋଟଛୋଟ ଦୁର୍ଘଟଣା ମଧ୍ୟ ଘଟୁଛି।

ଘାଟି ରାସ୍ତା ପୂର୍ବରୁ ସଂକୀର୍ଣ୍ଣ ଥିଲା। ପରେ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଚଉଡ଼ା ରାସ୍ତା ତିଆରି କରାଗଲା। ରାସ୍ତାର ଦୁର୍ଘଟଣା ସ୍ଥଳ ନିକଟରେ ଲଗାଯାଇଥିବା ସୂଚନା ବୋର୍ଡ ଗୁଡିକ ଲୁହା ହୋଇଥିବାରୁ ଦୁର୍ବୃତ୍ତମାନେ କଢ଼ି ଚୋରି କରି ନେଇଯାଉଛନ୍ତି। ଯାହାକି ଗାଡି ଚାଳକଙ୍କ ପାଇଁ ବିପଦ ଆଣୁଛି। ୨୦୧୫ ଦଶହରା ସମୟରେ ଡାବୁଗାଁ ବ୍ଲକର ଏକ ଆଦିବାସୀ ନାଟ ଗାଡି ଚନ୍ଦାହାଣ୍ଡି ଯାଉଥିବାବେଳେ ଘାଟି ତଳକୁ ଖସି ପଡ଼ିଥିଲା। ଏଥିରେ ୧୧ଜଣଙ୍କ ମୃତ୍ୟୁ ହୋଇଛି। ୨୦୧୮ ନଭେମ୍ବର ୧୧ରେ ଉମରକୋଟ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରରୁ ଚନ୍ଦାହାଣ୍ଡି ଅରବିନ୍ଦ ପାଠଚକ୍ର ସମ୍ମିଳନୀକୁ ବସରେ ଛାତ୍ରୀଛାତ୍ରଙ୍କ ସହ ଲଳିତ ମୋହନ ପଟନାୟକ ଓ ସ୍କୁଲର ୪ ଜଣ କର୍ମଚାରୀ ଯାଉଥିଲେ। ବସ ଘାଟି ତଳକୁ ଖସିପଡ଼ିବାରୁ ଲଳିତ ମୋହନଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିଭଳି ୨୦୧୯ରେ ଏକ ଚାଉଳ ବୋଝେଇ ଟ୍ରକ ଓଲଟି ପଡିଲା। ଉକ୍ତ ଚାଉଳ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମର ବୋଲି ତଦନ୍ତରେ ଜଣା ପଡ଼ିଲା। ତାହା ଚୋରା ଚାଲାଣ ହୋଇ ଚନ୍ଦାହାଣ୍ଡି ଆଡକୁ ଯାଉଥିବାବେଳେ ଘାଟିରେ ଓଲଟି ପଡିଲା। ଏହିଘଟଣାର ଏବେବି ତଦନ୍ତ ଚାଲିଛି। ୨୦୨୦ କୋଭିଡ ସମୟରେ ଏକ ପାଇପ ବୋଝେଇ ଟ୍ରକ ଚନ୍ଦାହାଣ୍ଡି ଯାଉଥିଲା। ଘାଟିରେ ତାହା ଓଲଟି ପଡିବାରୁ ଡ୍ରାଇଭର ଅଥା ମାଲିକଙ୍କ ମୃତ୍ୟୁ ହୋଇଥିଲା। ବୁଧବାର ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଉମରକୋଟରୁ ଏକ ବସ୍‌ରେ ସ୍କୁଲ ପିଲାମାନେ ଯାଉଥିଲେ। ଉକ୍ତ ବସ୍‌ଟି ଘାଟିରେ ଭାରସାମ୍ୟ ହରାଇ ଘାଟିରେ ଓଲଟି ପଡ଼ିବାରୁ ଜଣେ ଖେଳ ଶିକ୍ଷକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ କୁମାର ଜେନା(୨୪)। ଏଥିରେ ୩୪ ଛାତ୍ରୀଛାତ୍ର ଆହତ ହୋଇଛନ୍ତି। ଏହାଛଡ଼ା ଏହିଭଳି ଅନେକ ଛୋଟ ବଡ଼ ଦୁର୍ଘଟଣା ଚନ୍ଦାହାଣ୍ଡି ଘାଟିରେ ଅନେକ ସମୟରେ ଘଟିଛି। ଦୁର୍ଘଟଣାକୁ ଏଡ଼ାଇବାକୁ ପ୍ରଶାସନ ଦୃଷ୍ଟି ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ଦାବି କରିଛନ୍ତି।

# ଗାଁକୁ ପଠାଗଲା ଖେଳ ଶିକ୍ଷକଙ୍କ ମୃତଦେହ

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)



ଶିକ୍ଷକ ପ୍ରଭାସ କୁମାର ଜେନା

ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେବାକୁ ଉମରକୋଟରୁ ଏକ ବସ୍‌ରେ ସ୍କୁଲ ପିଲାମାନେ ଯାଉଥିଲେ। ଉକ୍ତ ବସ୍‌ଟି ଘାଟିରେ ଭାରସାମ୍ୟ ହରାଇ ଓଲଟି ପଡ଼ିବାରୁ ଜଣେ ଖେଳ ଶିକ୍ଷକଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଉମରକୋଟ ସ୍ୱାମୀ ବିବେକାନନ୍ଦ ବିଦ୍ୟାଳୟର ଖେଳ ଶିକ୍ଷକ ପ୍ରଭାସ କୁମାର ଜେନା(୨୪ )। ତାଙ୍କ ଘର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବାରବାଟିଆ ଗାଁରେ। ସରକାର ଚୁକ୍ତି ଭିତ୍ତିକ ଶିକ୍ଷକଙ୍କୁ ନିୟମିତ କରିବା ପରେ ସେ ରେଗୁଲାର ହୋଇଥିଲେ। ଝରିଗାଁରେ ମୃତଦେହ ବ୍ୟବଚ୍ଛେଦ ପରେ ମୃତଦେହକୁ ବାରବାଟିଆ ଗାଁକୁ ପଠାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ମହା ପ୍ରୟାୟଣ ଗାଡି ବ୍ୟବସ୍ଥା କରାଯାଇଛି। ଡିଇଓ କ୍ରୀଡ଼ା ଶିକ୍ଷକ ଅଜୟ କୁମାର କମିଲା, ଗୌତମ କୁମାର ବେହେରା, ରାଜେନ୍ଦ୍ର କୁମାର ସେଠୀ ଓ ମଧୁସୂଦନ ପାଣିଗ୍ରାହୀଙ୍କୁ ଡେପୁଟ କରିଛନ୍ତି। ଏକ ଏସକଟ ଗାଡି ମୃତଦେହ ସହ ଯାଇ ପରିବାରକୁ ମୃତଦେହ ହସ୍ତାନ୍ତର କରିବ। ଅନ୍ତିମ ସଂସ୍କାର ପାଇଁ ବିଦ୍ୟାଳୟ ପକ୍ଷରୁ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଛି । ଏଠାରୁ ଯେଉଁ ଶିକ୍ଷକ ମନେ ଯାଉଛନ୍ତି ସେମାନେ ପରିବାର ଲୋକଙ୍କୁ ଦେବେ ବୋଲି ପ୍ରଧାନ ଶିକ୍ଷକ ଅଜୟ କୁମାର ନାୟକ କହିଛନ୍ତି ।

# ଡାବୁଗାଁରେ ବୃତ୍ତି ପରୀକ୍ଷା ଦେଲେ ୨୭୨ ଛାତ୍ରୀଛାତ୍ର



ଛାତ୍ରୀଛାତ୍ର ପରୀକ୍ଷା ଦେଉଛନ୍ତି।

ଡାବୁଗାଁ, ୨୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ୩ୟ ଓ ୫ମ ଶ୍ରେଣୀ ପିଲାଙ୍କ ବୃତ୍ତି ପରୀକ୍ଷା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବ୍ଲକ ଅଧୀନ ବିଭନ୍ନ ବିଦ୍ୟାଳୟରୁ ୩ ଶ୍ରେଣୀର ମୋଟ ୧୫୮ ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିବାବେଳେ ୧୩୪ ଜଣ ପରୀକ୍ଷା ଦେଇଥିଲେ। ୨୪ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ସେହିପରି ବ୍ଲକ ଅଧୀନ ବିଭନ୍ନ ବିଦ୍ୟାଳୟରୁ ୫ମ ଶ୍ରେଣୀର ୧୫୪ ଜଣ ଛାତ୍ରୀଛାତ୍ର ପଞ୍ଜୀକୃତ କରିଥିବା ବେଳେ ୧୩୮ ଜଣ ପରୀକ୍ଷା ଦେଇଥିଲେ। ୧୬ ଜଣ ଅନୁପସ୍ଥିତ ଥିଲେ। ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ସୁବ୍ରତ ରଞ୍ଜନ ସାମନ୍ତରାୟଙ୍କ ସମେତ ୧୨ ଜଣ ଇନ୍‌ଭିଜିଲେଟର ପରୀକ୍ଷା କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଭାବେ ଦାୟିତ୍ୱ ପରିଚାଳନା କରିଥିଲେ। ପର୍ଯ୍ୟବେକ୍ଷକଭାବେ ଏବିଇଓ ଭଗବାନ ମାଝି, ଦେବରାଜ ଗୋପାଳ ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ।

# ପିଲାଙ୍କ ଲକ୍ଷ୍ୟ ହାସଲରେ ସହଯୋଗ କରିବାକୁ ପରାମର୍ଶ

### ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ

ତେନ୍ତୁଳିଖୁଣ୍ଟି,୨୭।୯(ଚିଦାନନ୍ଦ ସାହୁ)

ତେନ୍ତୁଳିଖୁଣ୍ଟି ବ୍ଲକ ପାତ୍ରପୁଟ ସେବାଶ୍ରମ ବିଦ୍ୟାଳୟରେ ମଙ୍ଗଳବାର ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଆମେ ଜାଣିବା ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପ୍ରମିଳା ମାଝିଙ୍କ ପୌରୋହିତ୍ୟରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ରାଜେଶ ସାହୁ, ଅନ୍ୟତମ ଅତିଥି ରୂପେ ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସୁଧାଂଶୁ ସାହୁ, ସମ୍ମାନିତ ଅତିଥି ରୂପେ ସତ୍ୟଭାମା ଚୌଧୁରୀ , ମୋହନ ରାଓ , ଭବାନୀ ଶଙ୍କର ବିଶୋୟୀ, ଅବସରପ୍ରାପ୍ତ ଶିକ୍ଷକ ପୀତାମ୍ବର ବିଷୋୟୀ, ସୌଭାଗ୍ୟ ବିଶୋୟୀ, ପର୍ଶୁରାମ ବିଶୋଇ,ଡବ୍ଲୁଇଓ ଜଗମୋହନ ମାଝି, ବିଦ୍ୟାଳୟ ସଭାପତିଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ଅଭିଭାବକମାନେ ଉପସ୍ଥିତ ଥିଲେ। ପ୍ରକଳ୍ପ ପ୍ରଶାସକ ସାହୁ ଓ ଡିଏସ୍‌ଓ ପାତ୍ର ଛାତ୍ରୀଛାତ୍ରଙ୍କ ଅଭିଭାବକଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ଏଥିରେ ଅଭିଭାବକଙ୍କ ଭାଗୀଦାରିତା ସମ୍ପର୍କରେ ବୁଝାଇ ଏହାଦ୍ୱାରା ଛାତ୍ରୀଛାତ୍ର ସେମାନଙ୍କ ଲକ୍ଷ୍ୟ ହାସଲ କରିପାରିବେ ବୋଲି କହିଥିଲେ। ସରକାର ବିଭିନ୍ନ ଯୋଜନାରେ ଛାତ୍ରୀଛାତ୍ରଙ୍କୁ ହଷ୍ଟେଲରେ କିଭଳି ଭଲ ଖାଇବା, ପିନ୍ଧିବା ସହିତ ଉଚ୍ଚମାନର ଶିକ୍ଷା ଦେବା ବ୍ୟବସ୍ଥା କରିଛନ୍ତି ସେନେଇ ଅତିଥିମାନେ ବୁଝାଇ ପିଲାଙ୍କ ଉପରେ କୌଣସି ବୋଝ ନ ଲଦି ସେମାନଙ୍କୁ ସେମାନଙ୍କ ଲକ୍ଷ୍ୟ ହାସଲରେ ସହଯୋଗ କରିବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, କୁଇଜ ଓ ଖେଳକୁଦ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ,କୃଷି ସମେତ ମିଲେଟ ମିଶନ, ମିଶନ ଶକ୍ତି, ଆଇଟିଡିଏ ପକ୍ଷରୁ ଷ୍ଟଲ ଖୋଲାଯାଇଥିଲା। ବିଭିନ୍ନ ବିଭାଗ ସେମାନଙ୍କ ବିଭାଗର କାର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ର ଓ ଅଭିଭାବକମାନଙ୍କୁ ଅବଗତ କରାଇଥିଲେ। ଗୋପୀନାଥ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଭୁବନ ବିଶୋୟୀ, ନରେନ୍ଦ୍ର ସଗରିଆ, ପ୍ରଶାନ୍ତ ମାଝି, ଚିତନ ମୋହନ ବିଶୋୟୀ ପ୍ରମୁଖ ସହଯୋଗ କରିଥିଲେ।

# ଦେବୀ ଲାଠି ପହଞ୍ଚିବା ପରେ ଲାଖବିନ୍ଧା ହେବ

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

- ଆଡ଼ମ୍ବର ସହକାରେ ପାଳନ ହେବ ଦଶହରା
- ମାଁ ଭଣ୍ଡାରଘରଣୀ ମନ୍ଦିର କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

ନବରଙ୍ଗପୁର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀ ମନ୍ଦିରଠାରେ ଚଳିତ ବର୍ଷ ଦଶହରା ପୂଜା ବହୁ ଆଡ଼ମ୍ବରରେ ପାଳନ ହେବ। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ପ୍ରତିବର୍ଷ ଭଳି ରୀତିନୀତି ଅନୁସାରେ ନବରାତ୍ର ପାଳିତ ହେବ। ରାଜ ପୁରୋହିତଙ୍କ ସମୟ ନିର୍ଘଣ୍ଟ ଅନୁଯାୟୀ ସମସ୍ତ ପୂଜାବିଧି ସମ୍ପନ୍ନ ହେବ। ନବରାତ୍ର ପ୍ରଥମ ଦିନ ପଟଖଣ୍ଡା ପୂର୍ବାହ୍ନ ୯ଟାରେ ବାହାରି ପ୍ରତାପ ସାଗର ପୋଖରୀରେ ସ୍ନାନ କରାଯିବ । ପରେ ସହର ପରିକ୍ରମା କରାଯିବ। ଏଥିରେ ପାରମ୍ପରିକ ସାଂସ୍କୃତିକ ଦଳ ଶୋଭାଯାତ୍ରାରେ ରହିବେ। ଚଳିତ ବର୍ଷ ମନ୍ଦିର କମିଟିର ୨୫ ବର୍ଷ ପୂର୍ତ୍ତି ପାଳନ ହେବ। ଦଶହରା ଦିନ ଅନ୍ନଛତ୍ର ଖୋଲାଯିବ। ଦଶହରା ଦିନ ଦେବୀ ଲାଠି ଦଶହରା ପଡ଼ିଆରେ ପଞ୍ଚିବା ପରେ ସେଠାରେ ଲାଖବିନ୍ଧା କାର୍ଯ୍ୟକ୍ରମ କରାଯିବ। ସମ୍ବଲପୁରର ସାଂସ୍କୃତିକ ଦଳ ଓ ଛତିଶଗଡ଼ ରାୟପୁର ନିକଟ ରାୟଗଡ଼ର ୬୦ ଜଣଙ୍କୁ ନେଇ କୁର୍ମୀ ନୃତ୍ୟ ପ୍ରଦର୍ଶିତ ହେବ । ଗାନ୍ଧୀ ଛକ, ଜଗନ୍ନାଥ ମନ୍ଦିର ଛକ ଓ ଭଣ୍ଡାରଘରଣୀ ମନ୍ଦିର ନିକଟରେ ୩ଟି ଆକର୍ଷଣୀୟ ତୋରଣ ନିର୍ମାଣ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ବୈଠକରେ ରାଜ ପୁରୋହିତ ନରସିଂହନାଥ ତ୍ରିପାଠୀ, ଟୁଲୁ ଷଡଙ୍ଗୀ, ଆଇନଜୀବୀ ଝାଡେଶ୍ୱର ଖାଡଙ୍ଗା, ପରେଶ ମିଶ୍ର, ଟି.ଶ୍ରୀପତି, ଆଇନଜୀବୀ ଅମିତାଭ ତ୍ରିପାଠୀ, ତାପସ ତ୍ରିପାଠୀ, ରାଜ ପରିବାରର ଅସିତ ଦେଓ, ରାଜୀବ ପୂଜାରୀ, କାହ୍ନୁ ଦାଶ, ବାଲାଜୀ ବେହେରା, କାଳୀ କିଙ୍କର ପଟ୍ଟନାୟକ, ଭୀମ ହରିଜନ, ଅଶୋକ ପଣ୍ଡା, ବୁଦ୍ଧୁ ମହାପାତ୍ର, ବରୁଣ ପାତ୍ର, ଲୁନା ପୂଜାରୀ ଉପସ୍ଥିତ ଥିଲେ ।

# ଦିନିକିଆ ଆତ୍ମରକ୍ଷା ତାଲିମ ସେମିନାର

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)

**ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା**



ଅତିଥିଙ୍କ ସହ ସମ୍ବର୍ଦ୍ଧିତ ହୋଇଥିବା ଖେଳାଳି ଓ ଅନ୍ୟମାନେ।

ନବରଙ୍ଗପୁର ବିନାୟକ ନଗରସ୍ଥିତ ୟୁଚି ରିୟୋ କରାଟେ ଦୋ ଓ ରେଇହୋକାନ କୋବୁଡ ଆସୋସିଏସନ୍ ଅଫ ଇଣ୍ଡିଆର ଓଡ଼ିଶା ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟ ଏସିଆନ କରାଟେ ସ୍କୁଲର ଇଣ୍ଡୋର୍ ହଲରେ ଏକ ଦିବସୀୟ ଆତ୍ମ ରକ୍ଷା ତାଲିମ ସେମିନାର ଓ କରାଟେ, କୋବୁଡ଼ ଅସ୍ତ୍ରଶସ୍ତ୍ର ଚାଳନାର ବେଲ୍ଟ ଗ୍ରେଡିଂ ପରୀକ୍ଷା ଅନୁଷ୍ଠିତ ହୋଇଛି। ଉକ୍ତ ବେଲ୍ଟ ଗ୍ରେଡ଼ିଂ ପରୀକ୍ଷା ଓ ଆତ୍ମରକ୍ଷା ତାଲିମ ସେମିନାରକୁ ଆନ୍ତର୍ଜାତୀୟ କରାଟେ ଓ କୋବୁଡ଼ ପ୍ରଶିକ୍ଷକ ତଥା ଭାରତ ମୁଖ୍ୟ କ୍ୟୋସି କେ.ଭି. ମନୋହରନ୍ ପରିଚାଳନା କରିଥିଲେ। ଓଡ଼ିଶା ମୁଖ୍ୟ ପ୍ରଶିକ୍ଷକ ତଥା ପ୍ରତିନିଧି ସେନ୍‌ସାଇ ଶରତ କୁମାର ରାଉତ ସହଯୋଗ କରିଥିଲେ। କରାଟେ ସ୍କୁଲରେ ତାଲିମ ନେଉଥିବା ଯୋଗ୍ୟତାପ୍ରାପ୍ତ ୪୦ ଜଣ ଛାତ୍ରୀଛାତ୍ର ଉକ୍ତ ପରୀକ୍ଷା ଓ ସେମିନାରରେ ଭାଗ ନେଇଥିଲେ। ସଫଳ ଛାତ୍ରୀ ଛାତ୍ରଙ୍କୁ କ୍ୟୋଷି କେ.ଭି. ମନୋହରନ୍ ବେଲ୍ଟ ଓ ମାନପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ଅତିରିକ୍ତ ଏସ୍‌ପି ପ୍ରଶାନ୍ତ ପଟ୍ଟନାୟକ, ଆଇନଜୀବୀ ରାମପ୍ରସାଦ ପାତ୍ର, ସମାଜିକ କର୍ମୀ କାଦମ୍ବିନୀ ତ୍ରିପାଠୀ, ଜିଲା କ୍ରୀଡ଼ା ସଂଘ ଉପସଭାପତି ବାଲା କ୍ରିଷ୍ଣା ରାଓ, ଜିଲା କ୍ରୀଡ଼ା ସଂଘ ଯୁଗ୍ମ ସମ୍ପାଦକ ତଥା ଟେଲିଫିଲ୍ମ ନିର୍ଦ୍ଦେଶକ ମନୋଜ ପଟ୍ଟନାୟକ, ରୋଜା ମନୋହରନ୍, ଅଧାପକ ତଥା ସମାଜିକ କର୍ମୀ ଅଖିଳ ଭଟ୍ଟ ଅତିଥି ଭାବେ ଯୋଗ ଦେଇଥିଲେ। ଜାପାନରେ ଅନୁଷ୍ଠିତ ଆନ୍ତର୍ଜାତୀୟ ବିଶ୍ୱ କରାଟେ ପ୍ରତିଯୋଗିତା ପ୍ରତିଯୋଗିତାର ସ୍ୱର୍ଣ୍ଣ ପଦକ ବିଜେତା ନବରଙ୍ଗପୁର ଆଦର୍ଶ ବିଦ୍ୟାଳୟର ସନ୍ଦୀପ ରାଉତ ଓ ଅନ୍ୟ ଜାତୀୟ କରାଟେ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ଜିତିଥିବା ୭ଜଣଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଜଗନ୍ନାଥ ମହାପାତ୍ର ସେମାନଙ୍କୁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି।

# ଏନ୍‌ସିସିର ନୂତନ ଶିକ୍ଷାର୍ଥୀ ଚୟନ ଶିବିର



ଛାତ୍ରମାନଙ୍କୁ ଚୟନ କରାଯାଉଛି।

ଡାବୁଗାଁ, ୨୭।୯ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଭୈରବ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସମର ବାହିନୀ (ଏନ୍‌ସିସି)ର ନୂତନ ଶିକ୍ଷାର୍ଥୀ ଚୟନ କାର୍ଯ୍ୟକ୍ରମ କକରାଯାଇଛି। ଏହି ମୁଖ୍ୟ ଅତିଥିଭାବେ ଭୈରବ ସ୍ନାତକ ମହାବିଦ୍ୟାଳୟ ଅଧକ୍ଷ ଶଙ୍କର ପ୍ରସାଦ ଗନ୍ତାୟତ ଯୋଗ ଦେଇଥିଲେ। ଚୟନ କାର୍ଯ୍ୟକ୍ରମରେ ଭାଗ ନେଇଥିବା ଛାତ୍ରୀଛାତ୍ରଙ୍କୁ ଅଧକ୍ଷ ସ୍ୱାଗତ ଜଣାଇଥିଲେ। ଜାତୀୟ ସମର ଶିକ୍ଷାର୍ଥୀ ବାହିନୀର ମହାବିଦ୍ୟାଳୟ ମୁଖ୍ୟ ମହେନ୍ଦ୍ର ଦେବରପଲ୍ଲୀ ଶିବିର ଆୟୋଜନ କରିଥିଲେ। ଏଥିରେ ମହାବିଦ୍ୟାଳୟ ଅଧ୍ୟାପିକା ଉର୍ମିଳା ବ୍ରହ୍ମା, ପୁଷ୍ପାଞ୍ଜଳି ସାହୁ, ଅଧ୍ୟାପକ ସନ୍ୟାସୀ ସାହୁ, ଦୟାରାମ୍ ମନୋହର, ମେକ୍ସ ନାୟକ, ଚନ୍ଦନ ପଣ୍ଡା ପ୍ରମୁଖ ଶିକ୍ଷକମାନେ ସହଯୋଗ କରିଥିଲେ। ଏହି ଚୟନ ପ୍ରକ୍ରିୟାରେ ପି.ଆଇ. ଷ୍ଟାପ ୧୩ ଓଡ଼ିଶା ବାଟାଲିୟନର ହାବିଲଦାର ରାଜକୁମାର ରୟାତ୍, ସୁବେଦାର ସୁନିଲ ହଂସାଦ ଛାତ୍ରୀଛାତ୍ରଙ୍କୁ ଚୟନ କରିଥିଲେ। ୨୫ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୨୦ ଜଣଙ୍କୁ ଚୟନ କରାଯାଇଥିଲା।

# ୫ ଶ୍ରେଣୀକୁ ଜଣେ ଶିକ୍ଷକ

**ସପ୍ତାହକ ମଧ୍ୟରେ ନୂତନ ଶିକ୍ଷକ ନିଯୁକ୍ତି ନ ହେଲେ ଆନ୍ଦୋଳନ ଚେତାବନୀ**

ତେନ୍ତୁଳିଖୁଣ୍ଟି, ୨୭।୯(ଚିଦାନନ୍ଦ ସାହୁ)

ଛାତ୍ରୀଛାତ୍ରଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ପାଇଁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। ଏପରିକି ଶିକ୍ଷକମାନଙ୍କୁ ବିଭିନ୍ନ ପ୍ରଶିକ୍ଷଣ ମଧ୍ୟ ଦିଆଯାଉଛି। କିନ୍ତୁ ଶିକ୍ଷକ ଅଭାବରୁ ପିଲାଙ୍କ ପାଠପଢ଼ା ବ୍ୟାଘାତ ହେଉଛି। ଅନେକ ସ୍କୁଲରେ ଜଣେ ଶିକ୍ଷକ ଏକାଧିକ ଶ୍ରେଣୀର ପିଲାଙ୍କୁ ପଢ଼ାଉଥିବା ଜଣାପଡ଼ିଛି। ଏପରି ଦୃଶ୍ୟ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ କଂଗରା ପଞ୍ଚାୟତ ଅଧୀନ ଲକଡିପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି।

ଲକଡିପଲ୍ଲୀ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ହେଉଛି। ୫ ଶ୍ରେଣୀରେ ୮୩ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ସମସ୍ତଙ୍କ ପାଇଁ ଏଠାରେ କିନ୍ତୁ ଜଣେ ଶିକ୍ଷକ। ତେବେ ୫ଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ କିପରି ଭାବେ ପଢାଇବେ ତାହାହିଁ ଚିନ୍ତାର କାରଣ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ସରକାର ଏ ଦିଗରେ କୌଣସି ପଦକ୍ଷେପ ନେଉ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ବିଦ୍ୟାଳୟରୁ ୨ଜଣ ଶିକ୍ଷକ ବଦଳି କରାଯାଇଛି। ଏହାପରେ ଏଠାରେ ନୂତନ ନିଯୁକ୍ତି ମିଳି ବୋଲି ଗ୍ରାମର ରଘୁନାଥ ମାଝି,ସଭା ମାଝି, ହରି ସୌରା, ମନ ପାଇକ, ଭଗବାନ ସୌରା କହିଛନ୍ତି। ସପ୍ତାହକ ଭିତରେ ନୂତନ ଶିକ୍ଷକ ନିଯୁକ୍ତି ନ ମିଳିଲେ ସ୍କୁଲରେ ତାଲା ପକାଇବୁ ବୋଲି ଗ୍ରାମବାସୀ କହିଛନ୍ତି। ଏ ନେଇ ଏବିଇଓ ମୋହନ ମଧୁସୂଦନ ବାଘଙ୍କୁ ପଚାରିବାରୁ ଏହି ବିଦ୍ୟାଳୟରେ ଜଣେ ଶିକ୍ଷକଙ୍କୁ ଦିଆଯାଇଛି। ସେ କାର୍ଯ୍ୟରେ ଯୋଗଦାନ କରୁନାହାନ୍ତି। ଅଳ୍ପ ଦିନ ମଧ୍ୟରେ ଆଉ ଜଣେ ଶିକ୍ଷକ ଏଠାରେ ଯୋଗଦେବେ ପୋଲି ସେ କହିଛନ୍ତି।

# ଆଶୀର୍ବାଦ କଲ୍ୟାଣ ମଣ୍ଡପ ପରିସରରେ କୁଢ଼ କୁଢ଼ ଆବର୍ଜନା

ନବରଙ୍ଗପୁର,୨୭।୯(ସଦାଶିବ ପ୍ରହରାଜ)



ଆଶୀର୍ବାଦ କଲ୍ୟାଣ ମଣ୍ଡପରେ ଜମି ରହିଥିବା ଆବର୍ଜନା।

ମଶାମାଛିଙ୍କ ଦାଉରୁ କିଭଳି ଦୂରେଇ ରହିବା ଓ ପରିବେଶ ସଫାସୁତୁରା ରଖିବାକୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସଚେତନ କରାଯାଉଛି। ଆବର୍ଜନା ଜମି ରହିଲେ ଡେଙ୍ଗୁ, ମ୍ୟାଲେରିଆ ଆଦି ବ୍ୟାପିବ ବୋଲି କୁହାଯାଉଛି। ନାଳ, ଆବର୍ଜନା ସଫା କରିବା ପୌରସଂସ୍ଥାର ମୌଳିକ କାର୍ଯ୍ୟ। ଏବେ କିନ୍ତୁ ଆଶୀର୍ବାଦ କଲ୍ୟାଣ ମଣ୍ଡପରେ କୁଢ଼କୁଢ଼ ଆବର୍ଜନା ଜମି ରହୁଛି, ଯାହାକୁ ଦେଖିଲେ ଡମ୍ପିଂୟାର୍ଡ ଭ୍ରମ ସୃଷ୍ଟି ହେଉଛି।

ଅଳିଆ ଜମିଥିବା ସ୍ଥାନଟି ଆଶୀର୍ବାଦ ଓ ପୁଷ୍ପାଞ୍ଜଳି କଲ୍ୟାଣ ମଣ୍ଡପ ଭାବେ ପରିଚିତ ଥିଲା। ଉକ୍ତ ସ୍ଥାନରେ କଲ୍ୟାଣ ମଣ୍ଡପ ହେବା ପୂର୍ବରୁ ମୁଖ୍ୟମନ୍ତ୍ରୀ ୨୦୦୨ରେ ଆଦିବାସୀ ସଂଗ୍ରହାଳୟ ଭାବେ ଉଦ୍‌ଘାଟନ କରିଥିଲେ। ଏହାପରେ ଉକ୍ତ ସ୍ଥାନର କୋଠା ଅବ୍ୟବହୃତ ଭାବେ ନିଆଗଲା। ପରେ କିଛିଦିନ ପାଇଁ ପୌରସଂସ୍ଥା ବୁଲା ଗୋରୁଙ୍କୁ ଉକ୍ତ ସ୍ଥାନରେ ରଖି କାଞ୍ଜିଆହୁଦା କଲେ। ଏବେ ସେହି ସ୍ଥାନରେ ସହରର ଆବର୍ଜନା ଡମ୍ପିଂୟାର୍ଡ କରିଛନ୍ତି। ସହରର ମଧ୍ୟଭାଗରେ ଥିବା ଏହି ସ୍ଥାନ ଏବେ ମ୍ୟାଲେରିଆ ଓ ଡେଙ୍ଗୁ ମଶାଙ୍କ ପାଇଁ ଉତ୍ତମ ସ୍ଥାନ ହୋଇଛି। ନିକଟରେ ଦୈନିକ କୃଷକ ବଜାର, ଏଲ୍‌ଆଇସି ଅଫିସ ଓ ମାର୍କେଟ କମ୍ପ୍ଲେକ୍ସ ରହିଛି। ନବରଙ୍ଗପୁର ଘରୋଇ ବସ୍‌ଷ୍ଟାଣ୍ଡରୁ ମଙ୍ଗଳମ ଟିମ୍ବର ବାଇପାସ୍ ରାସ୍ତା ଭଳି ପ୍ରମୁଖ ରାସ୍ତାକଡରେ ଏହି ସ୍ଥାନ ରହିଛି। ଉକ୍ତ ସ୍ଥାନ ଏବେ ଗନ୍ଧମୟ ଓ ସେଠାରେ ମାଛି ମଶାର ପ୍ରାଦୁର୍ଭାବ ବଢୁଛି। ପୌରସଂସ୍ଥାର ଦୂର ଦୃଷ୍ଟି ନ ଥିବା ଲାଗି ଜନସାଧାରଣ ସମସ୍ୟା ଭୋଗୁଛନ୍ତି ବୋଲି ଅଭିଯୋଗ ହେଉଛି। ଏନେଇ ପୌରସଂସ୍ଥା ନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠଙ୍କୁ ପଚାରିବାରୁ ମେଶିନ ଲଗାଇ ଆବର୍ଜନା ହଟାଇଦେବେ ବୋଲି କହିଛନ୍ତି।

